


ବିବାହ ବନ୍ଧନରେ ସାମନ୍ଥା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-156 TUESDAY 2 DECEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୫୬ ମଙ୍ଗଳବାର ୨ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ଆରମ୍ଭରୁ ଏସ୍ଆଇଆର୍ ତାତି

### ପ୍ରଥମ ଦିନରେ ସଂସଦ ଅଚଳ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।



ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବିରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା କେବଳ ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି।

ରାଜ୍ୟସଭାରେ ମଧ୍ୟ ଏସ୍ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେ।ବେ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ▶ପୃଷ୍ଠା-୭

## 'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ


# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା

■ ଭୁବନେଶ୍ୱର, ୧।୧୨ (ସମିସ): 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା 'ସକାଳ' ଓ 'ନନ୍ଦିଘୋଷ ଟିଭି' ନିଛକ ଖବର ପ୍ରସାରଣ କରି କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ▶ପୃଷ୍ଠା-୭




## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ



ଓ୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍

୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି

■ କଟକ, ୧।୧୨ (ସମିସ): ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▶ପୃଷ୍ଠା-୭

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

### ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): 'ଡିଜିଟାଲ ଆରେଷ୍ଟ'କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଦ୍ରୁତ ଗତିରେ ବଢୁଥିବା ଏଭଳି ସାଇବର କ୍ରାଇମ ଉଦବେଗଜନକ ସ୍ଥିତି ସୃଷ୍ଟି କରିଥିବାରୁ ଏହାର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚରେ ସିବିଆଇକୁ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଠକେଇରେ ବ୍ୟାଙ୍କରମାନଙ୍କ ଭୂମିକାର ମଧ୍ୟ ଯାଞ୍ଚ କରାଯିବ। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ▶ପୃଷ୍ଠା-୭

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

■ ଭୁବନେଶ୍ୱର, ୧।୧୨ (ସମିସ): ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ତଥ୍ୟ ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବା ବେଳେ ବଜେଟ ବରାଦ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ

■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ

ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଆଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ। ସେ ▶ପୃଷ୍ଠା-୭



ଦୁଇ ରାଜପଥର ସଂଯୋଗସ୍ଥଳରେ ରାସ୍ତାରୋକ

ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

## ସମ୍ବଲପୁରରେ ଧାନକିଣା ଅବ୍ୟବସ୍ଥା

# ଅର୍ଥନୈତିକ ଅବରୋଧ କଲେ ଚାଷୀ

■ ସମ୍ବଲପୁର, ୧।୧୨ (ସମିସ): ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଭଲ ଅମଳ ହୋଇଛି। ଅକ୍ଟୋବରରୁ ଚାଷୀ ଅମଳ ଆରମ୍ଭ କଲାଣି। କ୍ଷେତ ଓ ଖଳାରେ ଧାନ ଜମା ହୋଇଛି। କିନ୍ତୁ ଧାର୍ଯ୍ୟ ଦିନକୁ ୪ ଦିନ ବିତିଯାଇଥିଲେ ହେଁ ଏଯାଏଁ ଧାନ କିଣା ହୋଇନାହିଁ। ଏହାକୁ ନେଇ ଚାଷୀର ରୋଷ ସୀମା ଲଂଘିଛି। ଆଜି ଦିନ ୧୧ଟାରେ ଶହଶହ ସଂଖ୍ୟାରେ ଚାଷୀ ସକାଳ ୧୧ଟାରେ ଜାତୀୟ ରାଜପଥ-୫୩ ଓ ଜାତୀୟ ରାଜପଥ-୫୫ର ସଂଯୋଗସ୍ଥଳ ସିନ୍ଦୂରପଙ୍କ ତୁମ୍ପେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ଗୋଟିଏପଟେ ରେମେଡ୍ ଛକ ଓ ▶ପୃଷ୍ଠା-୭

## ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଇଙ୍କ ମହାନତା

# ଭୁବନେଶ୍ୱର ଏମ୍ସକୁ ଦେଲେ ୩.୪୦ କୋଟି

■ ବ୍ରହ୍ମପୁର, ୧।୧୨ (ସମିସ): ବ୍ରହ୍ମପୁରର ଖ୍ୟାତନାମା ତଥା ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀବାଇ ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥ ୩ କୋଟି ୪୦ ଲକ୍ଷ ଟଙ୍କାକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଏହି ଅର୍ଥ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ବିନିଯୋଗ କରାଯିବାରୁ ସେ ଆଗ୍ରହ କରିଛନ୍ତି। ୧୦୦ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଏଭଳି ନିଆରା ପଦକ୍ଷେପ ନେଇଥିବା ବେଳେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ଆସନ୍ତା ୫ ତାରିଖରେ ଶହେବର୍ଷରେ ପଦାର୍ପଣ କରିବେ ପ୍ରଫେସର୍ ଡା. ଲକ୍ଷ୍ମୀ ବାଇ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜିକୁ ସେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ମନସ୍ଥ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୧ତାରିଖରେ ସେ ଜୀବନଯାକର ଜମା ପୁଞ୍ଜିକୁ ଏମ୍ସ ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରିଛନ୍ତି। ଭାବାନଗରସ୍ଥିତ ନିଜ ଘରକୁ ବିକ୍ରି କରି ରୋଗୀଙ୍କୁ ଉଚ୍ଚତର ସେବା ଯୋଗାଇବା ଆଶାରେ ଏହି ଅର୍ଥକୁ ସେ ଦାନ କରିଥିବା କହିଛନ୍ତି।



ମହିଳାଙ୍କ କର୍କଟ ରୋଗ ଓ ଯତ୍ନ କେନ୍ଦ୍ର ପ୍ରତିଷ୍ଠାରେ ହେବ ବିନିଯୋଗ

ପ୍ରଫେସର୍ ଲକ୍ଷ୍ମୀବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ଗ୍ରହଣ ପରେ ସେ ସ୍ଥାନୀୟ ଭାବାନଗରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ପାଇଁ ଦାନ କରି ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଟଙ୍କା ପଇସା ପଛରେ ନଦୌଡ଼ି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଲକ୍ଷ୍ମୀବାଇ ଅବସର ପରେ ସ୍ୱାମୀ ଚିନ୍ମୟାନନ୍ଦ ମିଶନର ସଦସ୍ୟା ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି। ଡାକ୍ତର ଲକ୍ଷ୍ମୀବାଇଙ୍କ ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ପ୍ରଫେସର ଡା. ▶ପୃଷ୍ଠା-୭




**ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା**

# ବରିଷ୍ଠରେ ଶାଶ୍ୱତୀ, କନିଷ୍ଠରେ ଶୁଭମ୍ ପ୍ରଥମ

ଭୁବନେଶ୍ୱର, ୧।୧୨(ସମିସ): ମାଗଣା ଯୋଜନା ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା; ମାତ୍ର ବର୍ତ୍ତମାନ ସମୟରେ ଏହା ଲକ୍ଷ୍ୟଚ୍ୟୁତ ଓ ଭୋଟ ସର୍ବସ୍ୱ ହୋଇଛି । ଯାହାଦ୍ୱାରା ଦେଶର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଋଣ କରି ଘିଅ ଖାଇବା ପରି ମାଗଣା ଯୋଜନା ଦେଶବାସୀ ଆର୍ଥିକ ଅସନ୍ତୁଳନର ପ୍ରମୁଖ କାରଣ ହୋଇଛି ଏବଂ ଋଣ ଭାର ବୃଦ୍ଧି ବିକାଶକୁ ବାଧାପ୍ରାପ୍ତ କରୁଛି । ସେହିପରି ପରିବେଶ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଏବଂ ଏହା ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାଇଁ ଅନ୍ୟଟିକୁ ବଳି ଦିଆଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ତେଣୁ ବିକାଶ ପାଇଁ ପରିବେଶର ସତର୍କ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି 'ସକାଳ' ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନିଷ୍ଠ ବର୍ଗରେ 'ପରିବେଶ ଠାରୁ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ କି' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ପ୍ରସାଦ ରଥ, ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଣୀନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଫେସର ଓ ଭୂତତ୍ତ୍ୱବିତ୍ ଡ. ଜେନାମଣି ସଞ୍ଜୀବ କୁମାର ଯୋଗଦେଇ ମୂଲ୍ୟାୟନ କରିଛନ୍ତି। ସେହିପରି ବରିଷ୍ଠ ବର୍ଗ ନିମନ୍ତେ 'ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥି ରୂପେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ତଥା ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ।

**■ ମାଗଣା ଯୋଜନା ଲକ୍ଷ୍ୟଚ୍ୟୁତ, ଭୋଟସର୍ବସ୍ୱ**
**■ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ**

କନିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ଫୁଲବାଣୀ ପବ୍ଲିକ୍ ସ୍କୁଲ୍‌ର ସାଇ ଶୁଭମ ମହାନ୍ତି ,ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସାଗରିକା ସ୍ୱାଇଁ ଓ କଟକସ୍ଥିତ ପ୍ରଥମ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ର ସିଦ୍ଧାନ୍ତ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ବରିଷ୍ଠ ବର୍ଗରେ ତିନି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ, ନୟାଗଡ଼ ରାଜ ସୁନାଖଳା ଡିଆଇଇଟିର ଛାତ୍ର ସାଗର ବେହେରା ଓ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ନାୟକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ବିତର୍କ ପ୍ରତିଯେଗୀତାର ପ୍ରାୟୋଜକ ତଥା ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ଓ ବିନାୟକ କନ୍‌ସେପ୍ଟ ସ୍କୁଲ୍ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସଞ୍ଜୟ ରାଜଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସକାଳ ପରିବାରର ଦିଗଦର୍ଶକ ଡ଼. ଉମାକାନ୍ତ ମିଶ୍ର ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଓ କନିଷ୍ଠ ବର୍ଗରେ ବରିଷ୍ଠ ସହ-ସମ୍ପାଦକ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଫିଚର୍ ବିଭାଗ ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ୍ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବିଜ୍ଞାପନ ମୁଖ୍ୟ ନରୋତ୍ତମ ଗୁରୁଙ୍କ ସହ ଦିଲ୍ଲୀପ ମହାପାତ୍ର, ଅଭିଷେକ ସାହୁ ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।












**ବ୍ୟାପକ ହେଲା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ**

## ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଲେ 'ହ୍ୱାଇଟ୍ କୋର୍ଟ'



ବ୍ରହ୍ମପୁର, ୧।୧୨(ସମିସ): ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତର ଛାତ୍ରଛାତ୍ରୀ। ଆନ୍ଦୋଳନର ୮ମ ଦିନରେ ଅର୍ଥାତ୍ ରବିବାରଠାରୁ ଅହୋରାତ୍ର ଆନ୍ଦୋଳନ କରି ସଂଘର୍ଷକୁ ବ୍ୟାପକ କରାଯାଇଛି। ଆୟୁଷ ଡାକ୍ତରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ବାରମ୍ବାର ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପ୍ରତାରଣା ପାଲଟିଛି। ଏଣୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କଡା ଚେତାବନୀ ଦେଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଏହି କ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଦାବି ସହ ସରକାର ବିରୋଧୀ ପ୍ଲାକାର୍ଡ ଧରି କଲେଜରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମୁଖ୍ୟ ଡାକଘର ନିକଟରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେଠାରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜେ ପରିଧାନ କରିଥିବା ହ୍ୱାଇଟ କୋର୍ଟ ବା ଧଳା ଆପ୍ରନକୁ ବାହାର କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଲୋକସେବା ଭବନକୁ ପଠାଇଛନ୍ତି। ଆନ୍ଦୋଳନକାରୀଙ୍କ ଏଭଳି ନିଆରା ପ୍ରତିବାଦ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭକ୍ତଙ୍କ ଉପରେ ଦର୍ଶନ ଟିକଟ ବୋଝ

ପୁରୀ, ୧।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିପରି ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକସ୍ଥଳୀ ରହିଛି। ଯେଉଁଠିକୁ ମହାପ୍ରଭୁଙ୍କ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ତଥା ଧାର୍ମିକସ୍ଥଳୀକୁ ଯିବା ପାଇଁ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡୁଛି। ଏବେ ପୁଣି ଗୁଣ୍ଡିଚା ମନ୍ଦିର ଖୋଲିଲେ ସେଥିପାଇଁ ବି ଦର୍ଶନ ଦେୟ ୧୦ ଟଙ୍କା ରହିବ ବୋଲି ଘୋଷଣା କରାଯାଇଛି। ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଚିନ୍ତା କରୁଥିବା ବେଳେ ଦର୍ଶନ ଟିକଟ୍ ବୋଝ କାହିଁକି ଲଦି ଦିଆଯାଉଛି, ତାହା ଶ୍ରଦ୍ଧାଳୁଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ୍ୟ ଏକାଧିକ ପବିତ୍ର ପୀଠ(ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନକୁ ନିଲାମରେ ଦେଇଛି। ଫଳରେ ଏହିସବୁ ଜାଗା ବୁଲିବା ପାଇଁ ଚାହୁଁଥିବା ଭକ୍ତଙ୍କୁ ପ୍ରତ୍ୟେକ ସ୍ଥାନ ପାଇଁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। କେବଳ ଏତିକି ନୁହେଁ, ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ ମନ୍ଦିର, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ରନୃସିଂହ ମନ୍ଦିର ଭଳି ଏମିତି କିଛି ଦେବସ୍ଥଳୀ ରହିଛି, ଯେଉଁଠିକୁ ବୁଲିଗଲେ ଟଙ୍କା ଦେବାକୁ ପଡୁଛି। ଯଦିଓ ଏହି ଦେୟ ବଡ଼ଧରଣର ନୁହେଁ, କିନ୍ତୁ ଅନେକ ସମୟରେ ଏହାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

**■ ଟଙ୍କା ଦେଲେ ମିଳୁଛି ପବିତ୍ର ଓ ଧାର୍ମିକସ୍ଥଳୀରେ ଦର୍ଶନ**
**■ ଗୁଣ୍ଡିଚା ମନ୍ଦିର ଖୋଲିଲେ ଦେବାକୁ ପଡ଼ିବ ୧୦ ଟଙ୍କା**

ଏବେ ଗୁଣ୍ଡିଚା ମନ୍ଦିରକୁ ନେଇ ଚର୍ଚ୍ଚା, ଆଲୋଚନା ଚାଲିଛି। ଦୀର୍ଘ ୬ବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଛି ମହାପ୍ରଭୁଙ୍କ ଜନ୍ମବେଦୀ। କୋଭିଡ୍ କଟକଣା ପରଠାରୁ ଶ୍ରଦ୍ଧାଳୁଙ୍କୁ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯାଉ ନଥିବା ବେଳେ ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ତେବେ ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ଖୋଲିବା ଉପରେ ନିଷ୍ପତ୍ତି ନିଆଗଲା। ଡିସେମ୍ବର ୧ରୁ ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କଲେ। ହେଲେ ଏହି ଘୋଷଣାର ଦିନକ ପରେ ପୁଣି ମନ୍ଦିର ଖୋଲିବାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ଏଭଳି ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏବେ ଗୁଣ୍ଡିଚା ମନ୍ଦିର ଦର୍ଶନ ଦେୟକୁ ମଧ୍ୟ ବିରୋଧ କରାଯାଉଛି।

ଗୁଣ୍ଡିଚା ମନ୍ଦିର ଦର୍ଶନ ପାଇଁ ଦେୟ ୧୦ଟଙ୍କା ରହିବ। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ପଡ଼ିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି। ହେଲେ ଏହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ। ଏହାକୁ ପ୍ରତ୍ୟାହାର ଦାବିରେ ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କୌଣସି ଦେବାଳୟରେ ଦର୍ଶନ ଶୁଳ୍କ ନେବାର ପ୍ରଥା ନ ଥିଲା। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଗନ୍ଧ ବାରି ହୋଇପଡୁଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

## ସରକାର ଆଣିଲେ ଓଡ଼ିଶା ଜନ ବିଶ୍ୱାସ ବିଲ୍

ଭୁବନେଶ୍ୱର,୧।୧୨(ସମିସ): ସୋମବାର ଅପରାହ୍ଣରେ ରାଜ୍ୟ ସରକାର ବିଧାନସଭାରେ ୨ଟି ବିଲ୍ ଆଣିଛନ୍ତି। ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୫ ସମେତ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ବିଧାନସଭାରେ ଉପସ୍ଥାପନ ହୋଇଛି। ଉପସ୍ଥାପନ ପରେ ବିଲ୍ ଉପରେ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ କରିବାକୁ ୨ଟି ବିଲ୍‌କୁ କାର୍ଯ୍ୟ ପରାମର୍ଶଦାତ୍ତା କମିଟିକୁ ପଠାଇ ଦିଆଯାଇଛି। ଓଡ଼ିଶା ଜନବିଶ୍ୱାସ ବିଲକୁ ଗୃହରେ ଉପସ୍ଥାପନ କରି ଶିଳ୍ପମ ନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ କହିଛନ୍ତି ଯେ ଏହି ବିଲ୍‌ରେ ୯ ଟି ବିଭାଗର ରାଜ୍ୟର ୧୬ଟି ଆଇନରୁ ପ୍ରସଙ୍ଗ ରହିଛି। ଅପରାଧମୁକ୍ତ ଏବଂ ଯୁକ୍ତିଯୁକ୍ତ ବ୍ୟବସ୍ଥା ପାଇଁ କିଛି ଆଇନ୍‌ରେ ସଂଶୋଧନ ଆଣିବାକୁ ଏହି ବିଲ୍ ଆସିଛି। ଏହି ବିଲ୍‌କୁ ନେଇ ଆପତ୍ତି କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଶ୍ରୀ ସ୍ୱାଇଁ କହିଛନ୍ତି ଏହି ବିଲ୍‌ରେ ଜୁଆ ଖେଳକୁ ପ୍ରୋତ୍ସାହିତ କଲା ଭଳି ବ୍ୟବସ୍ଥା ରହିଛି। ସେହିପରି, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ଉପସ୍ଥାପନ କରି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ୨୦ଜଣ କର୍ମଚାରୀ ପର୍ଯ୍ୟନ୍ତ ନିଯୁକ୍ତି ଦେଇଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ର ପ୍ରୟୋଗରୁ ବାଦ୍ ଦିଆଯିବ। ଏହାସହ ସର୍ବାଧିକ ଦୈନିକ କାର୍ଯ୍ୟ ଘଣ୍ଟା ୧୦ ଘଣ୍ଟାକୁ ବୃଦ୍ଧି କରିବା ସହ ଓଭରଟାଇମ୍ ସମୟକୁ ୧୪ ଘଣ୍ଟାକୁ ବୃଦ୍ଧି କରିବା ଭଳି ବ୍ୟବସ୍ଥା ରହିଛି। ଓଭରଟାଇମ୍ ସହ ସାପ୍ତାହିକ ଛୁଟି ଓ ମହିଳାଙ୍କୁ ରାତିରେ କାମରେ ନିୟୋଜିତ ଭଳି ପ୍ରସଙ୍ଗକୁ ବିଧାୟକ ଶ୍ରୀ ସ୍ୱାଇଁ ସମାଲୋଚନା କରିଛନ୍ତି।



ସୋମବାର ନବୀନ ନିବାସରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍

## ଜଳ ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪

# ବିରୋଧୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାରିତ

ଭୁବନେଶ୍ୱର,୧।୧୨(ସମିସ): ଗତ ୨୦୨୪ ମସିହା ଫେବୃଆରୀ ୧୫ ତାରିଖରେ କେନ୍ଦ୍ର ସରକାର ଜଳ (ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ) ସଂଶୋଧନ ଆଇନ୍, ୨୦୨୪ର ବିଜ୍ଞପିତ କରିଛନ୍ତି। ଏହି ସଂଶୋଧନ ପରେ ଓଡ଼ିଶାରେ ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ଏହି ସଂଶୋଧନ ପ୍ରସ୍ତାବକୁ ସଂକଳ୍ପ ଆକାରରେ ସୋମବାର ଗୃହରେ ଆଗତ କରିଥିବା ବେଳେ ଏହା ପାରିତ ହୋଇଛି। ଏହି ସଂକଳ୍ପ ପାରିତ ପୂର୍ବରୁ ସଂଶୋଧନ ପ୍ରସ୍ତାବରେ ରହିଥିବା ବିଭିନ୍ନ ଦିଗକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଓ ଶାସକ ବିଜେପି ମଧ୍ୟରେ ଘମାଘୋଟ୍ ବିତର୍କ ହୋଇଛି।

ଏହି ସଂକଳ୍ପ ବିରୋଧରେ ନିଜର ପକ୍ଷ ରଖି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଏହି ସଂକଳ୍ପ ପାରିତ ହେବା ପରେ ରାଜ୍ୟ ସରକାରଙ୍କ କ୍ଷମତା ବହୁମାତ୍ରାରେ ସଂକୁଚିତ ହେବା ସହ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ରାଜ୍ୟ ଉପରେ ଲଦି ଦିଆଯିବ। ଏହାସହିତ ଏହି ସଂକଳ୍ପରେ ପୂର୍ବରୁ ପ୍ରଦୂଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଫୌଜଦାରୀ ମାମଲା ସହ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା; ମାତ୍ର ଏହି ବ୍ୟବସ୍ଥାକୁ ଉଚ୍ଛେଦ କରି ଖିଲାପକାରୀଙ୍କ ପାଇଁ କେବଳ ଜରିମାନା ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଏଣିକି ପ୍ରଦୂଷଣ କ୍ଷେତ୍ରରେ ଶିଳ୍ପ ସଂସ୍ଥାମାନଙ୍କର ଆଦୌ ଭୟ ରହିବ ନାହିଁ ବୋଲି ଶ୍ରୀ ସ୍ୱାଇଁ ନିଜ ଯୁକ୍ତିରେ

**ସଂଶୋଧିତ ଆଇନରେ ଜେଲ୍ ବଦଳରେ ଜରିମାନା ବ୍ୟବସ୍ଥା**

ଦର୍ଶାଇଛନ୍ତି। ତେଣୁ ଏହାକୁ ଲୋକଙ୍କ ମତାମତ ଲୋଡ଼ିବା ପାଇଁ ପଠାଇବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ସେହିପରି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ସାରା ଦେଶରେ ୧୧ ପ୍ରତିଶତ ପାଣି ଓଡ଼ିଶାରେ ରହିଛି। ଏହି ସଂକଳ୍ପ ଦ୍ୱାରା ସବୁ ପାଣି କେନ୍ଦ୍ର ହାତକୁ ଚାଲିଯିବ। ଏହି ସଂକଳ୍ପ ଲାଗୁ ଦ୍ୱାରା କେନ୍ଦ୍ର ସରକାର ଚାହିଁଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଷ୍ପତ୍ତିକୁ ମାନି ନ ପାରନ୍ତି। ଏହାସହିତ ଯଦି କୌଣସି ସଂସ୍ଥା ଆବଶ୍ୟକ ଅନୁମତି ନ ନେଇ ଶିଳ୍ପ କରିନ୍ତି, ତେବେ ସେମାନଙ୍କୁ ମାତ୍ର ୧୫ ଲକ୍ଷ ଜରିମାନା ଦେବାକୁ ହେବ। ସେହିପିର ଏହି ନିୟମ ସବୁ ସଂସ୍ଥାଙ୍କ ପାଇଁ ମଧ୍ୟ ଲାଗୁ ହେବ ନାହିଁ ବୋଲି ଏଥିରେ ବ୍ୟବସ୍ଥା ରହିଛି, ଯାହାକି ଗ୍ରହଣୀୟ ନୁହେଁ। ଏହି ବିଲ୍‌କୁ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ନିଜ ରାଜ୍ୟରେ ଲାଗୁ କରି ନ ଥିବା ବେଳେ ଓଡ଼ିଶାରେ କାହିଁକି ଏହାକୁ ଲାଗୁ କରିବାକୁ ସରକାର ତରତର ହେଉଛନ୍ତି, ତାକୁ ନେଇ ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି।

ସେହିପରି ବିଧାୟକ ଅରବିନ୍ଦ ମହାପାତ୍ର ବଡ଼ ସଂସ୍ଥାଙ୍କ ପାଇଁ ୧୫ ଲକ୍ଷ ଜରିମାନା ଝାଲ୍‌ମୁଢ଼ି ସଦୃଶ କହି ସମାଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ ବିଧାୟକ ସିଏସ୍ ରାଜନ ଏକ୍କା ସଂକଳ୍ପକୁ ବିରୋଧ କରି ରାଜ୍ୟର ନଦୀଗୁଡ଼ିକ ସ୍ଥିତି ଅତି ଖରାପ ଥିବା କହିବା ସହ ଜେଲ୍ ଦଣ୍ଡ ବଦଳରେ ଜରିମାନା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଏହାସହିତ ନୂତନ ଆଇନ୍‌ରେ ଜଣେ ନ୍ୟାୟ ନିର୍ଣ୍ଣୟ ଅଧିକାରୀ ନିଯୁକ୍ତି ନେଇ ବ୍ୟବସ୍ଥା ହୋଇଥିବା ବେଳେ ଜଣେ ସଚିବ ସ୍ତରର ଅଧିକାରୀ ଏହି କାର୍ଯ୍ୟ କରିବେ। ତେଣୁ କୋର୍ଟ ପରିବର୍ତ୍ତେ ତାଙ୍କ ନିଷ୍ପତ୍ତି ସରକାରଙ୍କ ସପକ୍ଷରେ ଯିବ ବୋଲି ଦର୍ଶାଇ ଶ୍ରୀ ଏକ୍କା କହି ବିଲ୍‌କୁ ବିରୋଧ କରିଛନ୍ତି।

ବିଲ୍ ସପକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଏହାଦ୍ୱାରା ବର୍ଷ ବର୍ଷ ଧରି କୋର୍ଟରେ ପଡ଼ି ରହିଥିବା ମାମଲାର ସମାଧାନ ହେବ। ବର୍ତ୍ତମାନ ଏ ସମ୍ପର୍କିତ ୧୭୩୭ ମାମଲା କୋର୍ଟରେ ରହିଥିବା ବେଳେ ଏଥିମଧ୍ୟରୁ ମାତ୍ର ୩୯ ଟିରେ ଦଣ୍ଡ ବିଧାନ କରାଯାଇଛି। ଏହି ସଂକଳ୍ପ ଦ୍ୱାରା କୋର୍ଟକୁ ଦୌଡୁଥିବା ସଂସ୍ଥାମାନେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିବା ବେଳେ ସଂକଳ୍ପଟି ପାରିତ ହୋଇଛି।

## ଏନ୍‌ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶିତ

କଟକ, ୧।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି(ଏନ୍‌ଆର୍‌ଟିଏସ୍) ପରୀକ୍ଷା-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ବୋର୍ଡ ୱେବସାଇଟରେ ପରୀକ୍ଷାର୍ଥୀମାନଙ୍କ ଫଳ ଉପଲବ୍ଧ ହୋଇଥିବା ଜଣାପଡ଼ିଛି। ଏନ୍‌ଆରଟିଏସ୍ ପରୀକ୍ଷା ରାଜ୍ୟର ମୋଟ ୩୫୫ଟି କେନ୍ଦ୍ରରେ ଗତ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩୮୧୦ଜଣ ପରୀକ୍ଷାର୍ଥୀ ଅବତୀର୍ଣ୍ଣ ହୋଇଥିବା ବେଳେ ୧୨୦୧ଜଣ ଅନୁପସ୍ଥିତ ରହିଥିଲେ।

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

କୋଣାର୍କ, ୧।୧୨(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ସୋମବାର କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନିଆ ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି।

ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବରେ ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ୫ଜଣ ବାଲୁକା ଶିଳ୍ପୀଙ୍କ ସମେତ ଭାରତର ୧୩୧ଜଣ ବାଲୁକା ଶିଳ୍ପୀ ୪୫ଟି ଷ୍ଟଲ୍‌ରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଓଡ଼ିଶୀ ଓ ଭାରତନାଟ୍ୟମ୍। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା ସୋନାଲି ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀ

**ଚନ୍ଦ୍ରଭାଗା ବେଳାଭୂମିରେ ୧୩୧ଜଣ ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ**

ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳୀସା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ। ଏହାର ନୃତ୍ୟ ସଂରଚନା କରିଛନ୍ତି ଗୁରୁ ସୋନାଲି ମହାପାତ୍ର ଏବଂ ସଙ୍ଗୀତ ଓ ତାଳ ସଂଯୋଜନା କରିଛନ୍ତି ନିର୍ମଳ କୁମାର ମହାପାତ୍ର। ଶେଷରେ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ। ଏଥିରେ ଦେବୀ ଦୁର୍ଗାଙ୍କ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରାଯାଇଥିଲା।




ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲମ୍। ପରିଚାଳନରେ ସହଯୋଗ କରିଥିଲେ ଡ. ସଂଗୀତା ଗୋସାଇଁ। ଉତ୍ସବ ପରିଚାଳନା କରିଥିଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ରାଜ ଭବନ ହେଲା 'ଲୋକ ଭବନ'

ଭୁବନେଶ୍ୱର,୧।୧୨(ସମିସ): ବଦଳିଲା ରାଜଭବନର ନାମ। ଆନୁଷ୍ଠାନିକ ଭାବେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଥିବା ସୋମବାର ରାଜ ଭବନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ ମସିହାରେ ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ଅଟେ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବା ସହ ସମସ୍ତଙ୍କ ସୁଗମତା ଉପରେ ଧ୍ୟାନ ଦେବ।




## ୧୩ ଗାଁକୁ ବିଜୁଳି ସାତସପନ

# ସୁବର୍ଣ୍ଣପୁରରେ ଜଳିଲା; ଆମର କେବେ?

ଧରାକୋଟ,୧।୧୨(ସମିସ)



ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ ସାବା ଓ ବଳରାମପୁର ପଞ୍ଚାୟତର ୧୩ ଗାଁରେ ବିଜୁଳି ଏବେବି ସାତ ସପନ ହୋଇଛି। ଘନ ଅନ୍ଧାର ରାତିରେ ଡିବିରି ଆଲୁଅ ସେମାନଙ୍କର ସାହାରା ପାଲଟିଛି। ଗଣମାଧ୍ୟମର ଖବର ପ୍ରସାରଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଝାଡ଼ବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଜୁଳି ଆଲୁଅ ଜଳିଛି। ଯାହାକୁ ନେଇ ଉପାନ୍ତ ଅଞ୍ଚଳର ଏହି ଗାଁରେ ଖୁସିର ମହୋଲ ଦେଖିବାକୁ ମିଳିଛି। ଅପରପକ୍ଷେ ସେହି ଉପାନ୍ତ ଅଞ୍ଚଳରେ ଥିବା ସାବା ପଞ୍ଚାୟତର ହିଞ୍ଜଳବସା, ଶାଗକିଆରୀ, ନୂଆଁସାହି, ତୋରାଣିପାଣି, ବେତବଣ, କାଞ୍ଜିଆମା, ଜୟସିଂହ, ଖଜୁରୀଝୋଲା ଓ ବଳରାମ ପୁର ପଞ୍ଚାୟତର ଝିରଝିରା, ଗୁଡୁରୁଗୁମା, ପୁଞ୍ଜିଆମ୍ବ, ଜିରୋନଗର, ବଟଖାଲ ଓ ନାକତିରିରେ ବିଜୁଳି ସାତ ସପନ ପାଲଟିଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସେମାନଙ୍କ ମଧ୍ୟରେ ନୂତନ ଆଶାର ସଂଚାର କରିଛି। ବିନା ବିଜୁଳିରେ ମହମବତି ଓ ଡିବିରି ଆଲୁଅ ଏବେ ସୁଦ୍ଧା ଘନ ଅନ୍ଧାରରେ ଥିବା ଆଦିବାସୀ ଅଧ୍ୟୁଷିତ ଏହି ତେର ଗାଁ ଲୋକ ମାନଙ୍କ ସାହାରା ପାଲଟିଛି। ଯାହା ଫଳରେ ସ୍ୱାଧୀନତାର ସ୍ୱାଦ ଉପାନ୍ତ ଅଞ୍ଚଳର ଏହି ଲୋକ ମାନଙ୍କ ଠାରୁ ଢ଼େର ଦୂରରେ ରହିଛି। ଏବେବି ଏହି ଅନ୍ଧାରୀ ମୂଳକର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ତିନୋଟି ପାହାଡ ତଳକୁ ଆସି ମାଣିକପୁର କିମ୍ବା ଟି.ଗୋବିନ୍ଦପୁର ଉପରେ ନିର୍ଭର କରୁଥିବା ବେଳେ, ଜଙ୍ଗଲ ସଫା କରି ଜନା, କଙ୍ଗୁ, ମକା ଚାଷ କରି ପରିବାର ଚଳାନ୍ତି। ବଣ ମୂଳକର ଝରଣା ପାଣି ପିଇବା ପାଇଁ ସେମାନେ ବ୍ୟବହାର କରୁଥିବାବେଳେ ଗାଁକୁ ସଂଯୋଗ ପାଇଁ ଭଲ ରାସ୍ତାଟିଏ ନାହିଁ। ଏତେସବୁ ଅଭାବ ଅସୁବିଧା ସତ୍ତ୍ୱେ ଆଶାର ଆଲୋକ ପାଲଟିଛି ସୁବର୍ଣ୍ଣପୁରକୁ ବିଜୁଳି ପହଞ୍ଚିବା ଘଟଣା। ଏଣୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିବା ପରେ ପ୍ରଶ୍ନଟିଏ ପଚାରୁଛନ୍ତି ବାବୁ ଆମ ଗାଁରେ ବିଜୁଳି କେବେ ଜଳିବ? ସତରେ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆମ ଗାଁ ଉପରେ ପଡ଼ିବ? ଏନେଇ ଧରାକୋଟ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ ବେଳେ ଘଟଣା ସମ୍ପର୍କରେ ମୁଁ ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଚିଠି ଲେଖି ଜଣାଇଛି। ସ୍ଥିତାବସ୍ଥା ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ହେଲେ ଉପାନ୍ତ ଅଞ୍ଚଳର ଗାଁ ଲୋକଙ୍କ ପ୍ରଶ୍ନ ସୁବର୍ଣ୍ଣପୁରରେ ଜଳିଲା ହେଲେ ଆମର କେବେ?

## ବ୍ଲକ୍ ପ୍ରଶାସନ ପକ୍ଷରୁ ଡିପିଆର୍ ପ୍ରସ୍ତୁତ



**ଗଞ୍ଜାମ,୧।୧୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ପୀଠକୁ ଗତ ୨୪ ତାରିଖରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରିଦର୍ଶନ କରିଥିଲେ। ମନ୍ଦିର ଉନ୍ନତିକରଣ ପାଇଁ କଣ କଣ ସମସ୍ୟା ରହିଛି ତାହାର ଡିପିଆର ପ୍ରସ୍ତୁତି ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ବ୍ଲକ ପକ୍ଷରୁ ଏଇ ଅଚ୍ୟୁତାନନ୍ଦ ପଟ୍ଟନାୟକ, ଯନ୍ତ୍ରୀ ସାଗରୀକା ପାଢ଼ୀ ପ୍ରମୁଖ ମନ୍ଦିର ପରିଚାଳନା କମିଟି ଉପସ୍ଥିତରେ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମୁଦ୍ର କୂଳର ସୌନ୍ଦର୍ଯ୍ୟକରଣ, ପାର୍କର ଉନ୍ନତିକରଣ, ରାସ୍ତା ଘାଟ, ଯାତ୍ରା ପଡ଼ିଆ ଉନ୍ନତିକରଣ, ଭୋଗ ମଣ୍ଡପ ସୌନ୍ଦର୍ଯ୍ୟକରଣ ତଥା ଅନ୍ୟାନ ଆନୁସଙ୍ଗିକ ବ୍ୟବସ୍ଥା କିଭଳି ହୋଇପାରିବ ସେନେଇ ଡିପିଆର ପ୍ରସ୍ତୁତି ପାଇଁ ଅନୁଧ୍ୟାନ କରିଥିଲେ। ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ପବିତ୍ର ସ୍ୱାଇଁ, ଶିବରାମ ପଲେଇ, କୋଷାଧକ୍ଷ ନିରାକାର ଜେନା, ଦୁର୍ଯ୍ୟୋଧନ ପ୍ରଧାନଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ।

## ବିଶ୍ୱ ଏଡ୍ସ ଦିବସ ପାଳିତ

**କୋଦଳା,୧।୧୨(ସମିସ):** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିଥିଲେ। ସଂଯୋଜକ ସପନ କୁମାର ଦାଶ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ (ବାଳକ ୟୁନିଟ), ଡକ୍ଟର ପ୍ରଦୀପ କୁମାର ପଣ୍ଡା ଓ (ବାଳିକା ୟୁନିଟ) ସାଗରିକା ଦାଶ, ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନର ସଂଯୋଜକ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ। ଜ୍ୟୋତିପ୍ରଭା ସେଠୀ, ଜସ୍ମିନ ଦତ୍ତ ପ୍ରମୁଖ ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ। ଅଧ୍ୟାପକ ଭବାନୀ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

**ପାତ୍ରପୁର,୧।୧୨(ସମିସ):** ଜରଡା ଥାନା ନାରାୟଣପୁର ଗ୍ରାମରେ ରବିବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ ପ୍ରଧାନ (୬୦)। ତେବେ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ଚେଷ୍ଟା କରାଯାଇଛି ବୋଲି କୁମାରୀଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଯାଇ ଘଟଣାସ୍ଥଳ ପରିଦର୍ଶନ କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ନାରାୟଣପୁରର କୃଷ୍ଣ ପ୍ରଧାନ ପ୍ରାୟ ୩୫ ବର୍ଷ ପୂର୍ବେ ଖରଣିପଡା ଗ୍ରାମର କୁମାରୀ ପ୍ରଧାନଙ୍କୁ ବିବାହ କରିଥିଲେ। ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ବେଳେ ରାତିରେ କୁମାରୀ ଫ୍ୟାନ୍‌ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ କହିଥିବା ବେଳେ କୁମାରୀଙ୍କ ପରିବାର ବର୍ଗ ଓ ପୁଲିସ ପହଞ୍ଚିବା ପୂର୍ବରୁ ଗାମୁଛା କାଟି କୁମାରୀଙ୍କ ଶବକୁ ତଳକୁ କାଢ଼ିଥିବା ଦେଖିବାକୁ ମିଳିଛି। ଯାହାକୁ କୁମାରୀଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନଥିଲେ। କାରଣ କୁମାରୀ ଦେହରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ନିର୍ଯାତନା ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ନିଶୁଣି ଓ ବ୍ୟବହୃତ ଚାଦର ଜବତ କରିଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ତଥ୍ୟ ଓ ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ସ୍କାଉଟ୍ ଓ ଗାଇଡ୍‌ଙ୍କ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୧।୧୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସ୍କାଉଟ ଓ ଗାଇଡ ସ୍ୱେଚ୍ଛାସେବୀଙ୍କ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧକ୍ଷା ରୁନିବାଳା ତ୍ରିପାଠୀ ଉଦଘାଟନ କରିବା ସହ ଉପସ୍ଥିତ ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍କାର୍ଫ ଓ ସ୍କାଉଟ କ୍ୟାପ ପିନ୍ଧାଇ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାକୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ର ଶୁଭ୍ରକାନ୍ତ ଗୁରୁ ଧ୍ୱଜା ଉତ୍ତୋଳନ କରିଥିଲେ ଓ ବରିଷ୍ଠ ସ୍ୱେଚ୍ଛାସେବୀ ଅମିତ କୁମାର ସ୍ୱାଇଁ, ଛାତ୍ରୀ ବିଜିଲି ବାରିକ ନୂତନ ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ରୋଭର ଲିଡର ପି.ଦିପକ ରାଓ ଏବଂ ରେଞ୍ଜର ଲିଡର ଜୟଶ୍ରୀ ସେଠୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡକ୍ରସ ସଂଯୋଜକ ସୁଶାନ୍ତ କୁମାର ଲେଙ୍କା, ପ୍ରଶାସନିକ ଅଧିକ୍ଷକ ତ୍ରିନାଥ ବେହେରା, ଅଧ୍ୟାପକ ଗାଙ୍ଗୁଲି ପାଲଟା ସିଂ, ଜଗତ ରଞ୍ଜନ ବିଶ୍ୱାଳ, ଆଶୁତୋଷ ପ୍ରଧାନ, ମନୋଜ କଅଁର, ଅଧ୍ୟାପିକା କିରଣ କଅଁର, ଭାରତୀ ବିଶ୍ୱାଳ ଓ ଗାର୍ଡେନର ରମେଶ ଚନ୍ଦ୍ର ବିଷୋୟୀ, ବଳରାମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରେମିକାଙ୍କ ଆତ୍ମହତ୍ୟା ଘଟଣା

## ଗ୍ରାମ କମିଟି ବୈଠକ ପରେ ଶବ ସତ୍କାର

**ଖଲ୍ଲିକୋଟ,୧।୧୨(ସମିସ):** ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅଧୀନସ୍ଥ ସାବୁଲିଆ ଗ୍ରାମରେ ପ୍ରେମିକର ନିର୍ଯାତନା ସହି ନ ପାରି ପ୍ରେମିକା ଆତ୍ମହତ୍ୟା କରିଥିଲେ। ରବିବାର ବିଳମ୍ବିତ ରାତିରେ ଗାଁ କମିଟି ବୈଠକ ପରେ ଶବ ସତ୍କାର କରାଯାଇଛି। ସାବୁଲିଆ ଗ୍ରାମ ବାଦଭୂମୀ ସାହିର ଝାନ୍ସି ବେହେରା ସେହି ଗାଁର ନିରଞ୍ଜନ ଜାଲିଙ୍କୁ ଭଲ ପାଉଥିଲେ। ଉଭୟ କିଛି ମାସ ତଳେ ଘରୁ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଝାନ୍ସୀଙ୍କ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତି ସମୟରେ ଉଭୟ ପ୍ରେମୀ ଯୁଗଳ ଫେରି ଆସିବା ସହିତ ଗାଁରେ ଏକ ବୈଠକ ବସି ଆଗାମୀ ଏକ ବର୍ଷ ଭିତରେ ଉଭୟଙ୍କ ବିବାହ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଇତି ମଧ୍ୟରେ ୬ ମାସ ବିତି ଯାଇଥିବା ବେଳେ ପୁଅ ସମେତ ତାଙ୍କ ଘର ପକ୍ଷରୁ ଫୋନ ଦ୍ୱାରା ଝାନ୍ସିଙ୍କ ଚରିତ୍ରକୁ ଆପେକ୍ଷ କରି ବିଭିନ୍ନ ନିର୍ଯାତନା ଦିଆ ଯାଉଥିବା ଭଉଣୀ ଲିପି ବେହେରା ଓ ଭିଣୋଇ ଗୋପାଳ ପଲେଇ ଅଭିଯୋଗ କରିଥିଲେ। ଭାବି ଶଶୁରଙ୍କ ପରିବାର ମାନସିକ ନିର୍ଯାତନା ଦେବା ଯୋଗୁ ତାଙ୍କ ଭଉଣୀ ଆତ୍ମହତ୍ୟା କରିବାକୁ ବାଧ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏନେଇ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଛେଦ ପରେ ପରିବାର ଲୋକେ ଶବ ସତ୍କାର ନ କରି ପ୍ରେମିକ ଘର ବାରଣ୍ଡାରେ ରଖି ନ୍ୟାୟ ପାଇଁ ଦାବି କରିଥିଲେ। ପ୍ରେମିକ ନିରଞ୍ଜନଙ୍କ ପରିବାର ଲୋକେ ଘରେ ତାଲା ପକାଇ କୁଆଡେ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଗାଁରେ ବୈଠକ ବସିଥିଲା। ପ୍ରାୟ ୧୦ ଘଣ୍ଟା ଧରି ପ୍ରେମିକର ବାରଣ୍ଡାରେ ପଡି ରହିଥିଲା ପ୍ରେମିକାର ଶବ। ରାତି ୧୨ଟାରେ ଝାନ୍ସିଙ୍କ ବାପା, ମାଆ ଚେନ୍ନାଇରୁ ଆସି ପହଞ୍ଚିଥିଲେ। ଏହାପରେ ଗାଁ କମିଟି ବୈଠକ ବସି ବିସ୍ତୃତ ଆଲୋଚନା ପରେ ରାତି ପ୍ରାୟ ୨ଟାରେ ଶବ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଦିଗପହଣ୍ଡି, ୧।୧୨(ସମିସ):** ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଏମ୍. ଗୌରାଙ୍ଗଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼.ଶଙ୍କରନାରାୟଣବେଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରିଚାଳନା କମିଟି ସଭାପତି ଉଦୟନାଥ ସାମନ୍ତ, ସିଆରସିସି ଅନିଲ୍ କୁମାର ଦାସ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସାଙ୍ଗ ସାଥି ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ହାଇସ୍କୁଲ ଛାତ୍ରଙ୍କୁ ତାଲିମ ପ୍ରଦାନ ପୂର୍ବକ ଉତ୍ସାହିତ କରି ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ହାଇସ୍କୁଲର ସୁନାମ ବୃଦ୍ଧି କରିବାକୁ ସକ୍ଷମ ହୋଇଥିବା କ୍ରୀଡ଼ା ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ପରେ ଛାତ୍ର ବୃନ୍ଦ ତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଣୀସାହି ସ୍ଥିତ ବାସଭବନରେ ଛାଡିଥିଲେ।

## ଅଧ୍ୟାପକଙ୍କୁ ଶିକ୍ଷା ପ୍ରଦୀପ ସମ୍ମାନ



**ପୋଲସରା,୧।୧୨(ସମିସ):** ସମ୍ବର୍ଦ୍ଧନା ପରିବାର ତରଫରୁ ଶରଣକୁଳ ନୟାଗଡ ଦ୍ୱାରା ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ତଥା ଯୁବ ସାହିତ୍ୟିକ ଦେବାଶିଷ ସ୍ୱାଇଁଙ୍କୁ ଶିକ୍ଷାପ୍ରଦୀପ ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆକାଶବାଣୀ କଟକ ଏବଂ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡ଼ଃ ଶାନ୍ତନୁ କୁମାର ରଥ, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ନିରାକାରପୁରର ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ବେଣୁଧର ଦାସ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣାର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଯଦୁନାଥ ପ୍ରଧାନ, ସଭାପତି କବିକୁସୁମ ନିରାକାର ସ୍ୱାଇଁ, ସମ୍ପାଦିକା ହରପ୍ରିୟା ଦ୍ୱିବେଦୀ, ପ୍ରତିଷ୍ଠାତା ସଦସ୍ୟ ଏମ ଦିନବନ୍ଧୁ, ଗୋଦାବରୀ ବସନ୍ତିଆ, ଉପସଭାନେତ୍ରୀ ଅଧ୍ୟାପିକା ନୀଳିମା ନନ୍ଦ, କବି ତଥା ଗୀତିକାର ନୀଳାଦ୍ରି ବିହାରୀ ମହାପାତ୍ର ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

**ବୁଗୁଡ଼ା,୧।୧୨(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଚଢ଼େୟାପଲ୍ଲୀ ଗାଁର ଜନୈକା ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ କାଳିଆ ପ୍ରଧାନଙ୍କ ଝିଅ ମାମି ପ୍ରଧାନ (୨୬)। ଏନେଇ କେସ୍‌ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାରିବାରିକ ଅଶାନ୍ତି କାରଣରୁ ଗତ ରବିବାର ରାତିରେ ମାମି ବିଷ ପିଇ ଦେଇଥିଲେ। ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।


### ବୁଗୁଡା ବ୍ଲକ୍‌ରେ ରାଜନୈତିକ ଆକ୍ରୋଶ

## ଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ

ଛତ୍ରପୁର,୧।୧୨(ସମିସ)




ରାଜ୍ୟରେ ନୂଆ ସରକାର। ସମସ୍ତଙ୍କ ଆଶା କିଛି ପରିବର୍ତ୍ତନ ହେବ। ଲୋକଙ୍କୁ ମିଳିବ ଅଧିକ ସରକାରୀ ଯୋଜନା। କିନ୍ତୁ ରାଜନୈତିକ ଆକ୍ରୋଶ ଯୋଗୁଁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଲୋକେ। ଏଭଳି ଅଭିଯୋଗ ଆଣିଛନ୍ତି ବିଜୁ ଜନତା ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ। ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡା ବ୍ଲକରେ ରାଜନୈତିକ ଆକ୍ରୋଶ ରଖି ଜନ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କୁ ଅଣଦେଖା କରାଯାଉଥିବା ନେଇ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବହୁ ଜନ ପ୍ରତିନିଧି ସୋମବାର ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କ ଚାପରେ ବୁଗୁଡା ବିଡିଓ ଏବଂ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ପଞ୍ଚାୟତକୁ ଆସୁଥିବା ଟଙ୍କା ବିନିଯୋଗରେ ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ଦେଢ ବର୍ଷ ହେଲା ସରକାର ପରିବର୍ତ୍ତନ ହେବା ପରେ ବୁଗୁଡା ବ୍ଲକର ପ୍ରାୟ ୧୨ଟି ପଞ୍ଚାୟତର ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଛି। ଏମିତିକି ପଞ୍ଚାୟତର ଉନ୍ନତି ପାଇଁ ଆସୁଥିବା ଟଙ୍କାକୁ ମଧ୍ୟ ଖର୍ଚ୍ଚ କରିବାକୁ ଦେଉନାହାନ୍ତି। ରାଜନୈତିକ ଚାପ ଯୋଗୁଁ ହୋଇପାରୁନଥିବା ବିଡିଓ କହୁଛନ୍ତି ବୋଲି ପୂର୍ବତନ ବିଧାୟକ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଏହା ସହ ବିଜେପିରେ ମିଶିଲେ ହିଁ ପଞ୍ଚାୟତରେ କାର୍ଯ୍ୟ କରିପାରିବ ବୋଲି କୁହାଯାଉଥିବା ସେମାନେ କହିଛନ୍ତି। ଏଥିସହ ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ବୁଗୁଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରାଯାଇଥିବା ଜଣାପଡିଛି।



















# ଏମ୍‌କେସିଜି ମେଡିକାଲ ଓ 'ଅରୁଣା' ପକ୍ଷରୁ ଏଡ୍‌ସ ସଚେତନତା




ବ୍ରହ୍ମପୁର,୧।୧୨(ସମିସ): ବିଶ୍ୱ ଏଡ୍‌ସ ଦିବସ ଅବସରରେ ବିଭିନ୍ନ ସଙ୍ଗଠନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅରୁଣା' ପକ୍ଷରୁ ମିଳିତ ଭାବେ ସଚେତନତା ଶୋଭାଯାତ୍ରା ଓ ଦସ୍ତଖତ ଅଭିଯାନ ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏମକେସିଜି ମେଡିକାଲ କଲେଜର ଶତାଧିକ ଡାକ୍ତରୀ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି କଲେଜ କ୍ୟାମ୍ପସରୁ ବାହାରି ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆସିଥିଲେ। ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଏଡସ ନିରାକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ 'ଅରୁଣା' ପକ୍ଷରୁ ସେଠାରେ ଆୟୋଜିତ ଦସ୍ତଖତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଏଡସ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିବା ବହୁ କିନ୍ନର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ, ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗା ଶତପଥୀଙ୍କ ସମେତ ବହୁ ଡାକ୍ତର ସାମିଲ ହୋଇଥିଲେ। ସେହିଭଳି ଅରୁଣା ସଙ୍ଗଠନର ନିର୍ଦ୍ଦେଶକ ଲୋକନାଥ ମିଶ୍ରଙ୍କ ସମେତ ବହୁ ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଯୁବାବର୍ଗ ସାମିଲ ହୋଇ ଦସ୍ତଖତ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଗଞ୍ଜାମ ଜିଲ୍ଲାରେ ଏଡସ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇଥିବା ବେଳେ ଟେଷ୍ଟିଂ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଏଡସ ଭଳି ମାରାତ୍ମକ ରୋଗ କବଳରୁ ନିଜକୁ ରକ୍ଷା କରିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବା ଜରୁରୀ ବୋଲି ଉପସ୍ଥିତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ।




## ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଜାଲ୍ ଜାତିଗତ ପ୍ରମାଣପତ୍ର ତନାଘନା

# ଧରାପଡ଼ିଲେ ୪ ସରକାରୀ କର୍ମଚାରୀ

ବ୍ରହ୍ମପୁର,୧।୧୨(ସମିସ)




ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରି କରିଥିବା ଅଭିଯୋଗରେ ୪ଜଣ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସମସ୍ତ ୪ଜଣ କନ୍ଧମାଳ ଜିଲ୍ଲାର ଥିବା ଜଣାପଡିଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ ୪୫ଟି ମାମଲା ବିଚାରଣା ପାଇଁ ଥିଲା। ସେଥିମଧ୍ୟରୁ ୧୬ଟିର ଶୁଣାଣି ଓ ଅବଶିଷ୍ଟ ୨୯ଟି ରାୟ ପାଇଁ ଉଦ୍ଦିଷ୍ଟ ଥିଲା। ୧୬ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ରାୟ ପାଇଁ ଥିବା ୨୯ଟି ଅଭିଯୋଗ ମଧ୍ୟରୁ ୪ଟିର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଅବଶିଷ୍ଟ ୨୫ଟି ଅଭିଯୋଗର ରାୟ ଆସନ୍ତା ଜାନୁଆରୀରେ ଅର୍ଥାତ୍ କମିଟିର ପରବର୍ତ୍ତି ବୈଠକରେ ପ୍ରକାଶ ପାଇବ ବୋଲି ଜଣାପଡିଛି। ବୈଠକରେ ଚିହ୍ନଟ ହୋଇଥିବା କନ୍ଧମାଳ ଜିଲ୍ଲାର ୪ଜଣଙ୍କ ମଧ୍ୟରେ ଜଣେ ସିଆରପିଏଫ କନେଷ୍ଟବଳ ରହିଥିବା ବେଳେ ଜଣେ ପଞ୍ଚାୟତିରାଜ ବିଭାଗର କନିଷ୍ଠ କିରାଣି ଥିବା ଜଣାପଡିଛି।

**ଚିହ୍ନଟ ସମସ୍ତ କର୍ମଚାରୀ କନ୍ଧମାଳ ଜିଲ୍ଲାର**

ସେହିଭଳି ଜଣେ ଫରେଷ୍ଟର ଓ ଅନ୍ୟଜଣେ ସହକାରୀ ଶିକ୍ଷକ ଥିବା ଜଣାପଡିଛି। ୨୦୧୦-୧୧ମସିହାରୁ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ଯଥା କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନାଗିରି, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଭଳି ଜିଲ୍ଲାରୁ ମୋଟ ୧୪୬୬ଟି ଜାଲ ଜାତିଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରି କରୁଥିବା ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ଇତି ମଧ୍ୟରେ ୬୭୫ଟି ଅଭିଯୋଗର ବିଚାରଣା ଶେଷ ହୋଇ ସାରିଥିବା ବେଳେ ଅବଶିଷ୍ଟ ୭୯୧ଟି ଅଭିଯୋଗ ବିଚାରଣା ଅପେକ୍ଷାରେ ରହିଛି। ଯାଞ୍ଚ କମିଟି ବୈଠକରେ ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଉପ ଆରକ୍ଷୀ ଅଧିକ୍ଷକ ପ୍ରମୁଖଙ୍କ ସହିତ କମିଟିର ଆବାହକ ତଥା ଦକ୍ଷିଣାଞ୍ଚଳ କମିଶନରଙ୍କ କାର୍ଯ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଉପ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ଉପସ୍ଥିତ ଥିଲେ। ଯାଞ୍ଚ କମିଟି ବୈଠକରେ ଚିହ୍ନଟ ନକଲି ଜାଲ ଜାତିଗତ ପ୍ରମାଣପତ୍ର ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଜଣାପଡିଛି।

# ପକ୍ଷାଘାତରେ ପୀଡ଼ିତ ବରିଷ୍ଠ ଖବରକାଗଜ ବିକ୍ରେତା ଭେଙ୍କେଟ

ବ୍ରହ୍ମପୁର,୧।୧୨(ସମିସ): ସହରର ବରିଷ୍ଠ ଖବର କାଗଜ ବିକ୍ରେତା ପି. ଭେଙ୍କେଟ ରାଓ (୭୦) ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଦୀର୍ଘ ୫୦ବର୍ଷ ଧରି ଖବରକାଗଜ ବିକ୍ରିକୁ ପେଷା କରିଥିବା ଭେଙ୍କେଟ ଗତ ଶୁକ୍ରବାର ଘରେ ପଡ଼ିଯିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଏମକେସିଜି ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କୁ ବ୍ରହ୍ମପୁର ଖବରକାଗଜ ବିକ୍ରେତା ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଉପ ସଭାପତି ଦୀନବନ୍ଧୁ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ନିରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ



ଭାଗିରଥୀ ବେହେରା ପ୍ରମୁଖ କର୍ମକର୍ତ୍ତାଙ୍କ ସହିତ ଅନ୍ୟ କାର୍ଯ୍ୟକାରୀ ସଦସ୍ୟମାନେ ସାକ୍ଷାତ କରିଥିଲେ। ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଶୋକ ନଗର ସ୍ଥିତ ନିଜ ବାସଭବନକୁ ଭେଙ୍କେଟ ଫେରିଥିଲେ। ବର୍ତ୍ତମାନ ନିଜ ଘରେ ତାଙ୍କର ଚିକିତ୍ସା ଜାରି ରହିଛି। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁଥିବା ବେଳେ ତାଙ୍କ ଝିଅ ଦେଖାରେଖା କରୁଛନ୍ତି। ଭେଙ୍କେଟ ରାଓଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ପାଇ ଦୈନିକ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ ଏଜେଣ୍ଟ ରାଧାକୃଷ୍ଣ ରଥ ଅଶୋକନଗର ସ୍ଥିତ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ' ବରିଷ୍ଠ ନାଗରିକ ଭେଙ୍କେଟ ରାଓ ମରଣୋତ୍ତର ନିଜର ଶରୀରକୁ ଏମ୍‌କେସିଜି ମେଡିକାଲକୁ ଦାନ କରିବାକୁ ବହୁ ପୂର୍ବରୁ ନିଷ୍ପତ୍ତି ନେଇସାରିଛନ୍ତି।

# ଏମ୍‌କେସିଜିର ଅକ୍ସିଜେନ ପ୍ଲାଣ୍ଟ ପୁନଃକାର୍ଯ୍ୟକ୍ଷମ



ବ୍ରହ୍ମପୁର,୧।୧୨(ସମିସ): ଏମକେସିଜି ମେଡ଼ିକାଲ ପରିସରରେ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ପ୍ଲାଣ୍ଟ ପୁନଃକାର୍ଯ୍ୟକ୍ଷମ ହୋଇଛି। କିଛି ବୈଷୟିକ ତ୍ରୁଟି କାରଣରୁ କିଛିଦିନ ଧରି ପ୍ଲାଣ୍ଟ ବନ୍ଦ ଥିଲା। ମେଡ଼ିକାଲ ପକ୍ଷରୁ ଲିକ୍ୱିଡ଼ ଅମ୍ଳଜାନ କ୍ରୟ କରି ତାହାକୁ ଗ୍ୟାସରେ ପରିଣତ କରି ଅକ୍ସିଜେନକୁ ପାଇପ ଯୋଗେ ଡାକ୍ତରଖାନାର ସମସ୍ତ ବିଭାଗକୁ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ହସ୍ପିଟାଲର ଶିଶୁରୋଗ ବିଭାଗ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଏବଂ ଭେଷଜ ବିଭାଗ ରୋଗୀଙ୍କୁ ପ୍ରଦାନ କରାଯିବ। ପିଏସ୍‌ଏ(ପ୍ରେସର ସ୍ୱିଂଗ ଆବଜେଷ୍ଟମେଣ୍ଟ ପ୍ଲାଣ୍ଟ)ର ପୁନଃକାର୍ଯ୍ୟକ୍ଷମ ପରେ ରୋଗୀଙ୍କୁ ସଠିକ ସମୟରେ ଆବଶ୍ୟକ ପରିମାଣ ଅକ୍ସିଜେନ ପ୍ରଦାନ କରାଯିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦୈନନ୍ଦିନ ଏମକେସିଜି ମେଡ଼ିକାଲ ରୋଗୀଙ୍କୁ ପ୍ରାୟ ୨୪ହଜାର ଲିଟର ଅକ୍ସିଜେନର ଆବଶ୍ୟକତା ରହୁଛି। ଏହି ପ୍ଲାଣ୍ଟର କାର୍ଯ୍ୟକ୍ଷମ ଫଳରେ ଆବଶ୍ୟକତାର ଶତକଡା ୫୦ପ୍ରତିଶତ ଅକ୍ସିଜେନ ଏହି ପ୍ଲାଣ୍ଟରୁ ପ୍ରସ୍ତୁତ ହେବ। କାର୍ଯ୍ୟକ୍ରମରେ ଏମକେସିଜି ମେଡ଼ିକାଲ କଲେଜ୍ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ କେଶରୀ ପଣ୍ଡା ଓ ଫାର୍ମାସି ଅଫିସର ସୀମାଞ୍ଚଳ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତାକଡରୁ ବିରାଟ ଅଜଗର ଉଦ୍ଧାର

ବ୍ରହ୍ମପୁର,୧।୧୨(ସମିସ): ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଆମ୍ବଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱରୁ ରାସ୍ତା ଅତିକ୍ରମ ସମୟରେ ଏକ ଅଜଗର ଉଦ୍ଧାର ହୋଇଛି। ଲୋକେ ସାପ ଥିବା ଖବର ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କୁ ଜଣାଇଥିଲେ। ପରେ ସେ ସର୍ପମିତ୍ର ପି. ଅରବିନ୍ଦ ଦେଶୀବେହେରାଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଦେଶୀବେହେରା ପହଞ୍ଚି ୬ଫୁଟ ଲମ୍ବ ବିଶିଷ୍ଟ



ଅଜଗର ସାପକୁ ଉଦ୍ଧାର କରି ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ବନପାଳ ସୋମନାଥ ମଲ୍ଲିକଙ୍କ ଉପସ୍ଥିତିରେ ହସ୍ତାନ୍ତର କରିଥିଲେ। ସାପଟିକୁ ରାମଗୁଡା ସଂରକ୍ଷିତ ଜଙ୍ଗଲ ସ୍ଥିତ କୁମ୍ଭଝରି ଘାଇଠାରେ ପ୍ରାକୃତିକ ପରିବେଶରେ ମୁକ୍ତ କରାଯାଇଛି। ସମ୍ପାଦକ ବିଜେନ୍ଦ୍ର ମାଝୀ, ପରିବେଶକର୍ମୀ ନଳିନୀ କାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ଟ ଟାଇମ୍ ଚାକିରି ଆଳରେ ଲକ୍ଷାଧିକ ଟଙ୍କା ଠକେଇ ମାମଲା

# ଫେରାର ଅଭିଯୁକ୍ତକୁ ମୁମ୍ବାଇରୁ ବାନ୍ଧିଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୧।୧୨(ସମିସ): ସ୍ଥାନୀୟ ଜଣେ ଯୁବକଙ୍କୁ ପାର୍ଟ ଟାଇମ୍ ଚାକିରି କରାଇଦେବାକୁ କହି ୩୫ଲକ୍ଷ ଟଙ୍କା ଠକେଇ ଘଟଣାର ଅନ୍ୟତମ ଫେରାର ଅଭିଯୁକ୍ତ ମହାରାଷ୍ଟ୍ରର ଭରତ ହରିହର ଯାବତକୁ ମୁମ୍ବାଇରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ପୂର୍ବରୁ ଏହି ମାମଲାରେ ରାଜସ୍ଥାନର ଟୋଙ୍କ ଜିଲ୍ଲା ବାହିର ଅଞ୍ଚଳର ସାମିଉଦ୍ଦିନ ଖାନ ଓରଫ ସାମି ଓ ସେଞ୍ଚୋର ଜିଲ୍ଲା ସଞ୍ଚୋର ଅଞ୍ଚଳର ପ୍ରବୀନ କୁମାର ଓ ଅମାନୁଲ୍ଲା ଖାନ ଆଦି ୩ଜଣ ଗିରଫ ହୋଇଥିଲେ। ସୋମବାର ମାମଲାର ବିଚାରଣା ବେଳେ ଉପରୋକ୍ତ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କସ୍ତୁରୀନଗର ନିବାସୀ ଏଲ. ଅଜିତ କୁମାର ଦାସଙ୍କ ନିକଟକୁ ୨୦୨୩ମସିହା ନଭେମ୍ବର ୯ତାରିଖରେ ଏକ ହ୍ୱାଟ୍‌ସଆପ ମେସେଜ ଆସିଥିଲା। ୱାର୍ଲ୍ଡ ୱାଇଡ ମିଡିଆ ନାମକ ଏକ ସଂସ୍ଥାରେ ପାର୍ଟ ଟାଇମ ଚାକିରି କରି ଦୈନିକ ୨୦୦ ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ବୋଲି ଉକ୍ତ ମେସେଜରେ ଉଲ୍ଲେଖ ଥିଲା। ଅଜିତ ଉକ୍ତ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିଥିଲେ। ପରେ ଅଜିତ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ଏହାପରେ ଅଜିତଙ୍କୁ ଏକାଧିକ କାମ ଦିଆଯାଇଥିଲା। ସେହି



କାମ ସରିବା ପରେ ଅଜିତଙ୍କ ଆକାଉଣ୍ଟକୁ କିଛି କମିଶନ ଅର୍ଥ ଆସିଥିଲା। ଏହାପରେ ଅଜିତଙ୍କୁ ଅନଲାଇନରେ ଇନଭେଷ୍ଟ କରିବ ମୋଟା ଅଙ୍କର କମିଶନ ମିଳିବାର ଲୋଭ ଦେଖାଯାଇଥିଲା। ସେହିକ୍ରମରେ ସାଇବର ଠକଙ୍କ ଦ୍ୱାରା ଖେଳାଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅଜିତ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬ଲକ୍ଷ ଟଙ୍କା ଜମା କରିଥିଲେ। ତେବେ ତାଙ୍କୁ କମିଶନ ମିଳିବା ଦୂରେ ଥାଉ ମୂଳ ଟଙ୍କା ମଧ ମିଳିନଥିଲା। ଓଲଟି ତାଙ୍କୁ ଅଧିକରୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଯାହାକୁ ନେଇ ଅଜିତଙ୍କ ସନ୍ଦେହ ହେବା ସହ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଓଡ଼ିଶା କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ବେଳେ ଏହି ଠକେଇ ପଛରେ ଉପରୋକ୍ତ ଅଭିଯୁକ୍ତଙ୍କ ଦ୍ୱାରା ବ୍ୟବହାର ହୋଇଥିବା ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ବିଷୟରେ ତଥ୍ୟ ମିଳିଥିଲା। ସେହିକ୍ରମରେ କିଛିମାସ ପୁର୍ବେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମେ ଅମନୁଲ୍ଲା ଖାନକୁ ଗିରଫ କରାଯାଇ ଓଡ଼ିଶା ଆଣିବା ପରେ ବହୁ ତଥ୍ୟ ହାସଲ କରାଯାଇଥିଲା। ସେ ସାମି ଓ ପ୍ରବୀଣଙ୍କ ନାମ କହିଥିଲା। ସେହି ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଥିଲା କ୍ରାଇମବ୍ରାଞ୍ଚ। ମୁମ୍ବାଇରୁ ଅଭିଯୁକ୍ତ ହରିହରକୁ ଗିରଫ ପରେ ସୋମବାର ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ମୋଟ ୩୪ଲକ୍ଷ ୮୦ହଜାର ଟଙ୍କା ବିଭିନ୍ନ ଲୋକଙ୍କଠାରୁ ଠକେଇ ହୋଇଥିବା ଜଣାପଡ଼ିଛି। ଆସନ୍ତାକାଲି ତାଙ୍କୁ ବ୍ରହ୍ମପୁର ଟ୍ରାନ୍ସଫର କୋର୍ଟରେ ୪ ଅଭିଯୁକ୍ତଙ୍କୁ ହାଜର କରାଯିବ। ଏହି ମାମଲାରେ ଫେରାର ତଥା ମୁଖ୍ୟ ଅଭିଯୁକ୍ତ ଦୁବାଇରେ ଆତ୍ମଗୋପନ କରିଥିବା ସୂଚନା ମିଳିଛି।

## ● ଇଣ୍ଡିଆନ ବ୍ୟାଙ୍କରୁ ୬ଲକ୍ଷ ଆତ୍ମସାତ୍

# କମଳାପୁର ଶାଖାର କିରାଣି ଗିରଫ

ବ୍ରହ୍ମପୁର,୧।୧୨(ସମିସ): ବ୍ରହ୍ମପୁର ଉପକଣ୍ଠ ଗୋଳାବନ୍ଧ ନିକଟ କମଳାପୁର ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖାରୁ ୬ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଏହି ଶାଖାରେ କାର୍ଯ୍ୟରତ କିରାଣିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କିରାଣି ସୋମପେଟାର ତ୍ରିନାଥ ବିଷୋୟୀ(୪୦)। ଅଭିଯୁକ୍ତ ତ୍ରିନାଥଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ସେ କେଉଁ ଗ୍ରାହକଙ୍କ ଠାରୁ କେତେ ଟଙ୍କା ଆତ୍ମସାତ କରିଥିଲେ



ସେ ଦିଗରେ ଅଧିକ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଇଣ୍ଡିଆନ ବ୍ୟାଙ୍କର କମଳାପୁର ଠାରେ ଏକ ଶାଖା ରହିଛି। ଏହି ଶାଖାରେ ତ୍ରିନାଥ ବିଷୋୟୀ ଦୀର୍ଘଦିନ ଧରି କିରାଣି ଭାବେ କାର୍ଯ୍ୟରତ। ତେବେ ଗତ କିଛିମାସ ପୂର୍ବେ ଏହି ଶାଖାର ଅଡିଟ ରିପୋର୍ଟ ତଥା ଆୟବ୍ୟୟ ହିସାବ ରିପୋର୍ଟରେ ୬ଲକ୍ଷ ଟଙ୍କା ନିଅଣ୍ଟ ଦର୍ଶାଇଥିଲା। ଯାଞ୍ଚପରେ କିଛି ଗ୍ରାହକ ବ୍ୟାଙ୍କରେ ଟଙ୍କା ଜମା କରିଥିଲେ ହେଁ ଉକ୍ତ ଟଙ୍କା ବ୍ୟାଙ୍କରେ ଜମା ହୋଇନଥିବା ଜଣାପଡିଥିଲା। କିନ୍ତୁ ଗ୍ରାହକମାନେ ନିଜର ଟଙ୍କା ଜମା ବାବଦକୁ ବ୍ୟାଙ୍କ ପକ୍ଷରୁ ରସିଦ ପାଇଥିଲେ। ଉକ୍ତ ରସିଦକୁ ନେଇ ତନାଘନା ପରେ କିରାଣୀ ତ୍ରିନାଥ ବିଷୋୟୀ ଗ୍ରାହକଙ୍କ ଟଙ୍କା ନେଇ ରସିଦ ଦେଇଥିଲେ ହେଁ ୬ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ନକରି ଆତ୍ମସାତ କରିଥିବା ସ୍ପଷ୍ଟ ହୋଇଥିଲା। ଘଟଣାକୁ ନେଇ ଇଣ୍ଡିଆନ ବ୍ୟାଙ୍କର ଜୋନାଲ ମ୍ୟାନେଜର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୯୫/୨୫) ରୁଜୁ କରି ତଦନ୍ତ କରିଥିଲା।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧।୧୨(ସମିସ): ସ୍ଥାନୀୟ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ମନମୟୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସିଟି ହସ୍ପିଟାଲ ଆଇସିଟିସି କାଉସିଲର ରୂପକ କୁମାରୀ ପଣ୍ଡା




ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏଚଆଇଭି ସମ୍ପର୍କିତ ସଚେତନତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସଂଗୀତା ରାଣୀ ବିଷୋୟୀ, ସୁଜିତ କନ୍ଧ ଓ ଦେବାଶିଷ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ନିବେଶ ନାଁରେ ୬ଲକ୍ଷ ଠକେଇ

ବ୍ରହ୍ମପୁର,୧।୧୨(ସମିସ): ଅନଲାଇନ ଆପ୍‌ରେ ନିବେଶ କଲେ ୬ମାସରେ ୫୦ପ୍ରତିଶତ ବୋନସ ମିଳିବା ନେଇ ପ୍ରତିଶ୍ରୁତି ଦେଇ ସାଇବର ଠକମାନେ ବ୍ରହ୍ମପୁରର ଜଣେ ଯୁବକଙ୍କ ଠାରୁ ୬ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଉକ୍ତ ଆପ୍ ଏବଂ ତାହାର ପରିଚାଳକଙ୍କ ସମ୍ପର୍କରେ ଖୋଳତାଡ ଜାରି ରଖିଛି। ସୂଚନା ପ୍ରକାରେ, ସ୍ଥାନୀୟ କମାପଲ୍ଲୀ ଅଞ୍ଚଳର ଜଣେ ଯୁବକ କିଛିମାସ ପୂର୍ବେ ଅନଲାଇନରେ ପୁଞ୍ଜିନିବେଶ ସମ୍ପର୍କରେ ଅବଗତ ହୋଇଥିଲେ। ଯୁବକ ଜଣକ ପ୍ରଥମେ କିଛିଟଙ୍କା ନିବେଶ କରିଥିଲେ। ପରେ ଅଧିକ ଟଙ୍କା ଜମା କରିବାକୁ ଲାଗିଥିଲେ। କିଛିଦିନ ମଧ୍ୟରେ ସେ ୬ଲକ୍ଷ ଟଙ୍କା ଜମା କରି ଦେଇଥିଲେ। ତେବେ ଯୁବକ ଜଣକ ଯେତେବେଳେ ନିଜ ବୋସନ ଟଙ୍କାରୁ କିଛି ଉଠାଣ କରିବାକୁ ଉଦ୍ୟମ କରିଥିଲେ ହୋଇନଥିଲା। ଏ ନେଇ ଯୁବକ ଜଣକ ଉକ୍ତ ଆପ୍ ତଥା କମ୍ପାନୀ ପରିଚାଳନା କରୁଥିବା ଆଡ୍‌ମିନ ଓ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ ସେପଟୁ କୌଣସି ଉତ୍ତର ମିଳିନଥିଲା। ନିଜ ଟଙ୍କା ଉଠାଣ କରିବାରେ ଅସଫଳ ହେବା ସହ ଉକ୍ତ ଅନଲାଇନ ଇନଭେଷ୍ଟମେଣ୍ଟ ସଂସ୍ଥାରୁ ଯୋଗାଯୋଗ ବନ୍ଦ ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜିରୋ ନାଇଟ ପାଇଁ ଜମୁଛି ଗଞ୍ଜେଇ ଚାଲାଣ

# କାଠ ବୋଝେଇ ଟ୍ରକ୍‌ରୁ ୧୦୫କିଲୋ ଗଞ୍ଜେଇ ଜବତ

ବ୍ରହ୍ମପୁର,୧।୧୨(ସମିସ)



ଆସିକା ଅଞ୍ଚଳରେ ଏକ କାଠ ବଲ୍ଲା ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ବେଳେ ମାଡିବସିଲା ଅବକାରୀ ଗୁଇନ୍ଦା ବିଭାଗ। ଟ୍ରକରୁ ୧୦୫କିଲୋ ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଅବକାରୀ ଗୁଇନ୍ଦା ବିଭାଗ। ଗିରଫ ୪ଜଣ ହେଲେ ସର୍ଦ୍ଦାର ଅର୍ଥାତ କଟକ ଜିଲ୍ଲା ବୈଦେଶ୍ୱର ଥାନା ଲେମ୍ବେଇ ଗାଁର ଗଞ୍ଜେଇ ମାଫିଆ ନକୁଳ ପଲେଇ (୪୦), ଟ୍ରକ ଚାଳକ କଳାପଥର ଗ୍ରାମର ଦାମୋଦର ମହାନ୍ତି (୪୯), ଏସକର୍ଟ କାର ଚାଳକ କଳାପଥର ଗ୍ରାମର ଅଭିଜିତ ସାହୁ (୨୩) ଓ ଏସକର୍ଟରେ ସହଯୋଗ କରୁଥିବା କଳାପଥର ଗ୍ରାମର ସୁରେଶ ଚନ୍ଦ୍ର ମହାଳିକ (୪୪)।

ମିଳିଥିବା ସୂଚନା ପ୍ରକାରେ, ଦୁଇଦିନ ପୂର୍ବେ କୋରାପୁଟ ଜିଲ୍ଲା ଜୟପୁର ଠାରୁ

**ମାଫିଆ ନକୁଳ ସମେତ ୪ ଗିରଫ**

ଏକ ଟ୍ରକ (ଓଡି-୩୩-ଏଏଲ-୨୩୪୧)ରେ ୮୧୦ଖଣ୍ଡ ୟୁକାଲିପଟାସ କାଠ ବଲ୍ଲା ବୋଝେଇ ହୋଇ ଭୁବନେଶ୍ୱର ମଞ୍ଚେଶ୍ୱର ଅଭିମୁଖେ ଗାଡ଼ି ବାହାରିଥିଲା। ଉକ୍ତ ଟ୍ରକର ଡ୍ରାଇଭର ଦାମୋଦର ମହାନ୍ତି ଓ ଗଞ୍ଜେଇ ମାଫିଆ ନକୁଳ ପଲେଇ ଦୁହେଁ ଭଲ ବନ୍ଧୁ ଅଟନ୍ତି। ଦାମୋଦର ଟ୍ରକରେ କାଠ ବଲ୍ଲା ବୋଝେଇ ନେଇ ମଞ୍ଚେଶ୍ୱର ଯିବା ନେଇ ନକୁଳକୁ ଆଗୁଆ ସୂଚନା ମିଳିଥିଲା। ସେହିକ୍ରମେ ନକୁଳ ଡ୍ରାଇଭର ଦାମୋଦରକୁ ଯୋଗାଯୋଗ କରି କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ ଆସିବାକୁ କହିଥିଲା। ଗଞ୍ଜେଇ ମାଫିଆ ନକୁଳ କଥା ମାନି ଡ୍ରାଇଭର ଦାମୋଦର କାନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ ଠାରେ ପହଞ୍ଚିଥିଲା। ସେଠାରେ ଗଞ୍ଜେଇ ମାଫିଆ ନକୁଳ ପଲେଇ ଉକ୍ତ ଟ୍ରକରେ ୧୦୫ କିଲୋ ଗଞ୍ଜେଇ ରଖିଥିଲେ। ପରେ ଟ୍ରକଟି ଗଞ୍ଜାମ ଅଭିମୁଖେ ବାହାରିଥିଲା। ଏନେଇ ଅବକାରୀ ଗୁଇନ୍ଦା ବିଭାଗ ନିକଟରେ ଖବର ପହଞ୍ଚିବା ପରେ ଉପ ଅଧିକ୍ଷକ ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ ଚଢଉ ପାଇଁ ଆସ୍କା ନିକଟରେ ଛକି ରଖିଥିଲେ। ଉକ୍ତ ଗଞ୍ଜେଇ ଭର୍ତ୍ତି ଟ୍ରକ ଆଗରେ ଆଉ ଏକ ଇକୋ ସ୍ପୋର୍ଟ୍ସ କାର (ଓଡି-୦୨-ସିଏମ-୪୮୩୭) ଏସକର୍ଟ କରି ଆଣୁଥିବା ସୂଚନା ମିଳିଥିଲା। ସୋମବାର ଆସ୍କା ନିକଟ ଖଣ୍ଡେରବଳି ଠାରେ ଅବକାରୀ ଗୁଇନ୍ଦା ଟିମ ପ୍ରଥମେ ଏସକର୍ଟ ଗାଡିକୁ ଅଟକାଇ ଧରିଥିଲେ। କିଛି ସମୟ ପରେ ଗଞ୍ଜେଇ ଭର୍ତ୍ତି ଟ୍ରକ ଆସିବା ପରେ ତାକୁ ଜବତ କରିଥିଲେ। ତଦନ୍ତ ସମୟରେ କାଠ ବଲ୍ଲା ପଛରେ ଗଞ୍ଜେଇ ପ୍ୟାକେଟ ଥିବା ଜଣାପଡିଥିଲା। ମୋଟ ୧୨ମେଟ୍ରିକ ଟନର ୮୧୦ଖଣ୍ଡ ୧୪ଫୁଟିଆ ୟୁକାଲିପଟାସ କାଠ ବଲ୍ଲା ସହ ୧୦୫କିଲୋ ଗଞ୍ଜେଇ ଜବତ ହୋଇଛି। ଏଥିସହ ଟ୍ରକ ଓ କାର ସମେତ ୩ଟି ମୋବାଇଲ୍ ମଧ ଜବତ କରାଯାଇଛି। ଜବତ ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୫୫ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ନୟାଗଡ଼, କଟକ ଓ କଳାପଥର ଅଞ୍ଚଳରେ ଜିରୋ ନାଇଟ ଓ ନୂଆବର୍ଷ ଉପଲକ୍ଷେ ଏହା ବିକ୍ରି ହୋଇଥାନ୍ତା ବୋଲି ତଦନ୍ତ ବେଳେ ଜଣାପଡିଥିଲା। ମାଫିଆ ସର୍ଦ୍ଦାର ନକୁଳ ନିଜେ ଏହାକୁ କିଣି ନେଉଥିବା ବେଳେ ଖୁଚୁରା ବିକ୍ରି କରିଥାନ୍ତା ବୋଲି ତଦନ୍ତ ବେଳେ ଜଣାପଡିଛି।

# ସମ୍ପାଦକୀୟ



ନ୍ୟାୟର ଅର୍ଥ ବିବେକ, କିନ୍ତୁ ବ୍ୟକ୍ତିଗତ ନୁହେଁ, ସାରା ମାନବଜାତିର ବିବେକ !
-ଆଲେକଜାଣ୍ଡର ସୋଲଝେନିତସିନ

ସକାଳ
THE SAKALA

## ସମୃଦ୍ଧିର ନୂଆ ଦିଗନ୍ତ

ଦେଶର ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତିଶୀଳତାର ଶିଖର ଛୁଇଁବାକୁ ଯାଉଛି। ଏହା ସ୍ପଷ୍ଟ ହୋଇଛି ଅର୍ଥନୀତିର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରୁ। ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମୋଟ ଘରୋଇ ଉତ୍ପାଦନ ୮.୨ ପ୍ରତିଶତ ଭଳି ଉଚ୍ଚ ଅଙ୍କରେ ଅଭିବୃଦ୍ଧି ହାସଲ କରିଛି। ଏସଂକ୍ରାନ୍ତରେ ସବୁ ଅର୍ଥନୀତିଜ୍ଞ ଏପରିକି ରିର୍ଜଭ ବ୍ୟାଙ୍କ ଆକଳନ ଭୁଲ ପ୍ରମାଣିତ ହେଇଛି। ଯେତେଦୂର ମନେ ହୁଏ ଚଳିତ ଆର୍ଥିକ ବର୍ଷର ହାରାହାରି ଜିଡିପି ୭ ପ୍ରତିଶତ ଅତିକ୍ରମ କରିବ। ସୂଚନାଯୋଗ୍ୟ ଯେ ପୂର୍ବ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୫.୬ ପ୍ରତିଶତ ନେଇ ବିଭିନ୍ନ ମହଲରେ ଯେଉଁ ନୈରାଶ୍ୟ ସୃଷ୍ଟି ହୋଇଥିଲା ସେଥିରୁ ବର୍ତ୍ତିବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପରୁ ସୁଫଳ ମିଳିଛି। ଆଗାମୀ ଦିନରେ ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପୂର୍ବଭଳି ବଜାୟ ରଖିବ। ଆସନ୍ତା ଅର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ଦେଶ ୫ଟ୍ରିଲିୟନ ଅର୍ଥନୀତିର ମାନ୍ୟତା ହାସଲ କରିବା ସହ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଅର୍ଥନୀତି ହେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଏହି ଗତିଶୀଳତା ଜାରି ରହିଲେ ପୂରଣ ହେବା କିଛି ବିଚିତ୍ର ନୁହେଁ।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୧, ନିର୍ମାଣରେ ୭.୨ ଏବଂ ଆର୍ଥିକ, ରିଅଲ ଇଷ୍ଟେଟ୍, ପେସାଦାର ସେବା ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୩.୫ ପ୍ରତିଶତରେ ସୀମିତ ରହିଛି। ଦର୍ଶାଯାଇଥିବା ଏହି ହିସାବରୁ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଆକଳନ କରାଯାଇପାରେ। ଏହି ପରିସଂଖ୍ୟାନ ଆଧାରରେ ରିଜର୍ଭବ୍ୟାଙ୍କ ଆଗାମୀ ଦିନରେ ମୁଦ୍ରା ପ୍ରଚଳନକୁ ଅଧିକ ମୁକ୍ତ କରିବା ସମ୍ଭାବନା ଅଛି। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କ ଋଣଗ୍ରହୀତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବେ। ଅର୍ଥନୀତିର ଏହି ଅନୁକୂଳ ଦିଗ ସଂପର୍କରେ ତର୍ଜମା କଲା ବେଳେ ସ୍ୱତଃ ମନରେ ଉଙ୍କିମାରେ ବିଶ୍ୱ ବାଣିଜ୍ୟ କାରବାରରେ ପରିଲକ୍ଷିତ ଶିଥିଳତାକୁ ଲକ୍ଷ୍ୟ କରି ଏକ ଭୟାଙ୍କର ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ସତର୍କ କରାଇଛନ୍ତି। ଆମ ଦେଶର ପରିସ୍ଥିତି ସେଭଳି ସକାରାତ୍ମକ ସ୍ଥିତିରେ ନାହିଁ ଯେ ପରିଲକ୍ଷିତ ବାଣିଜ୍ୟ ନିଅଣ୍ଟକୁ ଏତେ ସହଜରେ ଅତିକ୍ରମ କରି ହେବ। ତେଣୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଦର୍ଶାଇଥିବା କେତେକ ତ୍ରୁଟିକୁ ଏଡ଼ାଇଯିବା ଏତେ ସହଜ ନୁହେଁ। ଦେଶର ଜାତୀୟ ଆକାଉଣ୍ଟ ତଥ୍ୟର ଆକଳନକୁ ମୁଦ୍ରାପାଣ୍ଠି ସି ଗ୍ରେଡ ଦେଇଛି। ସେମାନଙ୍କ କହିବା କଥା ହେଲା, ଜିଡିପି ଓ ଜିଭିଏ ଭଳି ପ୍ରମୁଖ ପରିସଂଖ୍ୟାନ ନିର୍ଦ୍ଧାରଣରେ ଜାତୀୟ ଆକାଉଣ୍ଟର ପଦ୍ଧତିଗତ ତ୍ରୁଟି ରହିଛି। ସେହିଭଳି ଉପଭୋକ୍ତା ମୂଲ୍ୟସୂଚକାଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାକୁ ମଧ୍ୟ ବି ଗ୍ରେଡ ଦିଆଯାଇଛି। ମୁଦ୍ରାପାଣ୍ଠିର ଏହି ପ୍ରତିକୂଳ ମତାମତ ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥା ପ୍ରଭାବରୁ ଆମେ ମୁକ୍ତ ଓ ଗତଶୀଳତା ଅବ୍ୟାହତ ରହିଥିବା କେହି ଅସ୍ୱୀକାର କରିପାରିବେନି।

ବଜାର ଅର୍ଥନୀତିରେ କ୍ରେତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମୁଦ୍ରାସ୍ଫୀତି ହ୍ରାସରୁ ସ୍ପଷ୍ଟ ଯେ କ୍ରୟଶକ୍ତିରେ ଦୁର୍ବଳତା ରହିଛି। ଏହା କୌଣସି ପରିସ୍ଥିତିର ଅଭିବୃଦ୍ଧି କାରକ ନୁହେଁ। ସେହିଭଳି ବର୍ଷକ ମଧ୍ୟରେ ଭାରତୀୟ ମୁଦ୍ରା ୪.୨ ପ୍ରତିଶତ ଡଲାର ତୁଳନାରେ ଅଧିକ ଦୁର୍ବଳ ହୋଇଛି। ଏହି ଦୁଇଟି ପ୍ରସଙ୍ଗକୁ ଜିଡିପି ଆକଳନ ବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ବିକାଶ-ମାନବ ସମ୍ବଳ-ଶିକ୍ଷା

ଆମ ରାଜ୍ୟର ସରକାରୀ ବିଦ୍ୟାଳୟ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଯେତେଯାହା କଲେ ମଧ୍ୟ ଅଭିଭାବକଙ୍କ ଆଉ ଭରସାଯୋଗ୍ୟ ହୋଇପାରୁନି। ଛାତ୍ରଛାତ୍ରୀ ମଧ୍ୟ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଅଭିଭାବକଙ୍କ ଭରସାଯୋଗ୍ୟ ହୋଇଛି ଘରୋଇ ବିଦ୍ୟାଳୟ। ସରକାରୀ ଶିକ୍ଷା ବ୍ୟବସ୍ଥାରେ କେଉଁଠି ନିରାପଦ ବିଦ୍ୟାଳୟଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କ ଦାବିକୁ ନେଇ ବର୍ଷତମାମ ଆନ୍ଦୋଳନ ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଛି। ରାଜ୍ୟ ସରକାରୀ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ିଛନ୍ତି ୧ ଲକ୍ଷ ୨୩ ହଜାର ପିଲା ଏବଂ ନବମରେ ସାଢ଼େ ୧୩ ହଜାର ପିଲା ଅକୃତକାର୍ଯ୍ୟ। ଶିକ୍ଷାକ୍ଷେତ୍ରରେ ଯେତେ ସମସ୍ୟା ମୁଣ୍ଡ ଟେକିଛି ସେ ନେଇ ପ୍ରଶ୍ନ କଲେ ସରକାରଙ୍କ ନିକଟରେ ଉତ୍ତର ଅଭାବ ନାହିଁ। କିନ୍ତୁ ସମସ୍ୟା ଯେଉଁଠି ସେଇଠି ଅଟକି ରହିଛି।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆହୁରି ଉପର ଶ୍ରେଣୀକୁ ବଢ଼ି ଚାଲିଛି। ରାଜ୍ୟର ନବମ ଓ ଦଶମ ଶ୍ରେଣୀର ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ସିଏମ ପୋଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ଏକାଦଶ ଶ୍ରେଣୀ ଏସଟି ପିଲାଙ୍କୁ ବର୍ଷକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଛି। ଶିକ୍ଷକମାନେ ପାଠପଢ଼ା ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କ ବିଦ୍ୟାଳୟକୁ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନଭୋଜନ, ୟୁନିଫର୍ମ ଓ ପାଠ୍ୟବସ୍ତୁ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି ସ୍ପଷ୍ଟୀକରଣ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଭିନ୍ନ କଥା। ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁଠି ୟୁନିଫର୍ମ ମିଳିନି ତ ଓ କେଉଁଠି ପାଠ୍ୟ ପୁସ୍ତକ ନାହିଁ। ଅସଲରେ ବ୍ୟବସ୍ଥାର ଉନ୍ନତି ଆଣିବାରେ ସରକାରଙ୍କ ଏହି ଘୋଷଣା କେତେଦୂର ସହାୟକ ହେବ ସେନେଇ ସନ୍ଦେହ ରହିଛି। ପିଲାଙ୍କ ଅସ୍ଥାଭାଜନ ହେଲା ଭଳି ବିଦ୍ୟାଳୟରେ ଶିକ୍ଷା ପରିବେଶ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତିକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇନାହିଁ। ବିଭିନ୍ନ ବିଷୟରେ ପାଠ ପଢ଼ାଇବା ସକାଶେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ସବୁଚାଲିଛି କାମଚଳା ଅବସ୍ଥାରେ। ଏଭଳି ପରିବେଶରେ ବିଜ୍ଞାନ ଅଧ୍ୟୟନ ସକାଶେ ଲାବୋରାଟୋରୀ, କମ୍ପ୍ୟୁଟର ଓ ପୁସ୍ତାକାଗାର ଆଶା କରିବା ବୃଥା। ତେଣୁ ଯେଉଁ ବିକାଶ କଥା କୁହାଯାଉଛି ତାହା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ବିନା କିପରି ସମ୍ଭବ, ସନ୍ଦେହ ସୃଷ୍ଟି ହେଉଛି।

# ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କେତେ ଯୁକ୍ତିଯୁକ୍ତ

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ଓଡ଼ିଶା ସରକାର। ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡ଼ି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ। ଏଥିସହିତ ଖୁବଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୫୭୧୯୮ ତା ୨୩.୧୦.୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ। ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କ'ଣ ରହିବ ତା' ମଧ୍ୟ ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତିକମ୍‌ରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତା'ଠୁ କମ୍ ହୁଏ ତା'ହାଲେ ପାରିଶ୍ରମିକ କମିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକାରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର ଛୁଟି ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ।

ତେବେ ଅବସରପ୍ରାପ୍ତମାନଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ। ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ, ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ। ବିପଥଗାମୀ ସମାଜକୁ ସଜାଡ଼ିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ। କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥା'ନ୍ତି। ଏଠି ପ୍ରଶ୍ନ ଉଠୁଛି ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି? ଯଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ? ଯଦି ସେମାନେ ଏବେ ପାଠ ପଢ଼େଇବାକୁ ସକ୍ଷମ, ତା' ହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ, ଯାହାଙ୍କର ବୟସ ସୀମା ୬୦ ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ। ଅର୍ଥାତ୍ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିବେ ନାହିଁ! ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଶା ରାଜ୍ୟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮, ୬୭୮ ଜଣ ସ୍ନାତକୋତ୍ତର ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି। ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ ହେବା ନିହାତି ଜରୁରୀ।

୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସରକାର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ। ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶିକାର ହୋଇ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି। ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରି ସର୍ତ୍ତାବଳୀ ମିଳିଲା ନାହିଁ। ସରକାରୀ ଚାକିରିର କୌଣସି ସୁବିଧା ସେମାନେ ପାଇଲେ ନାହିଁ। ପଦୋନ୍ନତି ଓ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ନିମନ୍ତେ ଗୁହାରି କଲେ ମଧ୍ୟ ସରକାର ପ୍ରତ୍ୟାଖାନ କଲେ। ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍ଣ ଓ ଭବିଷ୍ୟତ ଅନ୍ଧକାରମୟ। ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ।

ଏ କ୍ଷେତ୍ରରେ ପୂର୍ବ ତ୍ରୁଟିବିଚ୍ୟୁତି ସଂଶୋଧନପୂର୍ବକ ତୁରନ୍ତ ସଂସ୍କାର ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃନିଯୁକ୍ତି କେତେ ଯୁକ୍ତିଯୁକ୍ତ? ଅବସରପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ, କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ଼, ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି, ସେଥିନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା। କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକୀକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି, ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚୀନ? ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ?

ଅନ୍ୟପକ୍ଷରେ ଦେଖିଲେ କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ? ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗୋପଯୋଗୀ ସଂସ୍କାରମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି। ନୂତନ ପିଢ଼ିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା। ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରି ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ। ସରକାର ଅନ୍ତତଃପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ଦେବାର ଥିଲା। ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକମାନଙ୍କର ଜାତିଭେଦ। ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି। ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥା'ନ୍ତି। ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକମାନେ ହୀନ ମାନସିକତାର ଶିକାର ହେଉଛନ୍ତି। ଏଥିପାଇଁ ଅଧ୍ୟାପକମାନେ ବାରମ୍ବାର ଗୁହାରି କରୁଛନ୍ତି; କିନ୍ତୁ ଫଳ ଶୂନ୍ୟ। ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥା'ନ୍ତି, ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡ଼ିଥାଏ। ଯେଉଁ ଅଧ୍ୟାପକମାନେ ବେତନ ଦାବି କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା ତେଲିଆ ମୁଣ୍ଡରେ ତେଲ ସଦୃଶ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ। ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନା ଉଲ୍ଲଂଘନ ହୋଇଥାଏ। ଭାରତର ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ। କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି। ଶିକ୍ଷା ପ୍ରଶାସନ ଶିକ୍ଷାବିତ୍‌ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡ଼ିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା, ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର କେଉଁଭଳି ପରିସ୍ଥିତିରେ ଅବସରପ୍ରାପ୍ତମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି। ଯୁବ ଶକ୍ତି ରାଷ୍ଟ୍ର ଶକ୍ତି। ଯୁବକମାନଙ୍କୁ ବେକାର ରଖି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି।

(ଅଧ୍ୟାପକ, ବାଣିଜ୍ୟ ବିଭଗ)
କଟକ, ମୋ: ୯୪୩୮୦୭୦୮୪୯

# ଧୈର୍ଯ୍ୟହରା ଯୁବସମାଜ ଓ ଆତ୍ମବିଶ୍ୱାସର ପରିବେଶ

ଡ.ବିମଳ ଷଡ଼ଙ୍ଗୀ

ବିଜ୍ଞାନର ଅଗ୍ରଗତି ସହିତ ଆଜିର ଯୁବପିଢ଼ିର ସବୁଠୁ ବଡ଼ ସମସ୍ୟା ହେଉଛି ଡିଜିଟାଲ ନିର୍ଭରତା। ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଗେମ୍, କ୍ରିକେଟ, ସିନେମା, ରିଲ୍ସ, ସାମାଜିକ ଗଣମାଧ୍ୟମ, ନିରନ୍ତର ଡୋପାମିନର ଆସକ୍ତି ଆଦିରୁ ଜାତ ଅତ୍ୟଧିକ ଚାପ ଯୁବସମାଜର ଧ୍ୟାନଶକ୍ତି କମାଇ ଧୈର୍ଯ୍ୟକୁ ନଷ୍ଟ କରୁଛି। ଜୀବନର ଲକ୍ଷ୍ୟରୁ ଭ୍ରମିତ କରୁଛି। ଆଜିର ଯୁବସମାଜ ଚାହାନ୍ତି ତୁରନ୍ତ ସଫଳତା। କିନ୍ତୁ ସଫଳତାକୁ ପାଇବାକୁ ହେଲେ ପରିଶ୍ରମ, ଶିଷ୍ଟାଚାର, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣର ଆବଶ୍ୟକତାକୁ ଭୁଲିଯାଆନ୍ତି ସେମାନେ। ଅନୁକରଣର ସଂସ୍କୃତି ସେମାନଙ୍କୁ ବିପଥଗାମୀ କରିଛି। ସାମାଜିକ ଗଣମାଧ୍ୟମ, ଗ୍ଲାମର୍, ଧନ, ଚାକଚକ୍ୟ ଜୀବନଶୈଳୀ, ନୀତିହୀନ ସେବା ଓ ତ୍ୟାଗହୀନ ଓ ଜ୍ଞାନହୀନ ତତ୍ତ୍ୱ ସେମାନଙ୍କ ଆଦର୍ଶ ହୋଇଯାଇଛି। ଚରିତ୍ର ଓ ନୀତିର ଅଭାବ ହେତୁ ଅନେକ ସ୍ଥାନରେ ଅସତ୍ୟ, ଠକେଇ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ଯୁବସମାଜକୁ ଆକର୍ଷିତ କରୁଛି। ଅନୁଶାସନହୀନତା ସହିତ ଅନିୟମିତ ଜୀବନଶୈଳୀ, ଅପପୁଷ୍ଟିକର ଖାଦ୍ୟର ଲାଳସା ଆଦି ସେମାନଙ୍କ ମନ ଓ ଦେହକୁ ଦୁର୍ବଳ କରୁଛି। ଶଠତାପୂର୍ଣ୍ଣ ନେତୃତ୍ୱ ଓ ଅପସଂସ୍କୃତି ଆଜି ଯୁବସମାଜକୁ ଉଦ୍‌ଭ୍ରାନ୍ତ କରୁଛି।

୨୦୦୦ ମସିହା ପରଠାରୁ ଭାରତରେ ଜନ୍ମିତ ପିଲାମାନେ ପିଲାଦିନରୁ ଅପେକ୍ଷାକୃତ ଆରାମଦାୟକ ପରିବେଶରେ ବଢ଼ି ଆସିଛନ୍ତି। ଅଧିକାଂଶ ପିଲା ଜନ୍ମରୁ ଅଭାବ ଓ ସଂଘର୍ଷ କ'ଣ ଜାଣିବାର ସୁଯୋଗ ପାଇ ନାହାନ୍ତି। ଡିଜିଟାଲ୍ ଯୁଗରେ ସେହି ପିଲାମାନେ ଆଜି ଯୁବାବସ୍ଥାରେ ପହଞ୍ଚିଛନ୍ତି। ରାଜନୈତିକ ଦଳମାନେ ସ୍ୱାର୍ଥ ପାଇଁ ସେମାନଙ୍କୁ ମଦ, ମାଂସ ଓ ବିଭିନ୍ନ ଅନୀତିକର କାର୍ଯ୍ୟ ଦ୍ୱାରା ନିୟୋଜିତ କରନ୍ତି ଏବଂ ସେମାନଙ୍କ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଆଚ୍ଛାଦନ ସୃଷ୍ଟି କରନ୍ତି। ସହଜଲବ୍ଧ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନ୍ୟମାନଙ୍କ ସହ ତୁଳନାରେ ନିଜକୁ ହେୟ ଭାବିବା ସହିତ ନିଜ ଭିତରେ କ୍ଷୋଭ, ଚିଡ଼ିଚିଡ଼ା ପଣ, କ୍ରୋଧ, ପ୍ରତିକ୍ରିୟା ଓ ଧୈର୍ଯ୍ୟ ହ୍ରାସ ଆଦି ସ୍ୱଭାବ ସୃଷ୍ଟି ହୋଇଛି। ଆଜିର ପିଲାମାନଙ୍କ ଭିତରେ କୌଣସି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଆତ୍ମୀୟତା ପରିଲକ୍ଷିତ ହୁଏ ନାହିଁ। ଏହା 'ଜବ ହୋପିଙ୍ଗ' ସଂସ୍କୃତି ନାମରେ ବେଶ ଆଦୃତ। ନିଜର ପିତାମାତାଙ୍କ ସହିତ ସେମାନଙ୍କର ସମ୍ପର୍କ ବିବାହ ପରେ ସଂକୀର୍ଣ୍ଣ ହୋଇଥାଏ। ସେହି ମନୋବୃତ୍ତିରୁ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ। କ୍ରମଶଃ ଏକ ନିଃସଙ୍ଗ ଚାପଗ୍ରସ୍ତ ଜୀବନଶୈଳୀର ସାଥୀ ହୋଇ ସମାଜର ଦୁର୍ଗତିର କାରଣ ହୁଅନ୍ତି।

ଆମର ପ୍ରଥମ କର୍ତ୍ତବ୍ୟ ଯୁବସାମାଜଙ୍କ ସମସ୍ୟାକୁ ଭଲଭାବରେ ଶୁଣିବା ଓ ବୁଝିବା। କାରଣ ଆମେ ସେମାନଙ୍କୁ ତୁରନ୍ତ ପରାମର୍ଶ ଦେଲେ ସେମାନେ ଆମକୁ ଅନୁସରଣ କରିବେ ନାହିଁ। ଯେତେବେଳେ ସେମାନେ ଆପଣଙ୍କୁ ବୁଝିପାରିବେ ସେତେବେଳେ ସେମାନେ ମାର୍ଗଦର୍ଶନ ପାଇଁ ଆପଣଙ୍କର ସାହାଯ୍ୟ ନେବେ। ସେମାନଙ୍କୁ ସମ୍ମାନ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ। କେବେବି ସେମାନଙ୍କୁ ଅପମାନ, ତୁଳନା କିମ୍ବା ଲଜ୍ଜିତ କରିବା ଠିକ ନୁହେଁ। ଉଦାହରଣ ସ୍ୱରୂପ ଆମକୁ କହିବାକୁ ପଡ଼ିବ 'ମୁଁ ବୁଝିପାରୁଛି ତୁମେ କେଉଁ ସମସ୍ୟା ଦେଇ ଗତି କରୁଛ', 'ଆମେ ଏହାକୁ ଏକାଠି ସମାଧାନ କରିପାରିବା' ଇତ୍ୟାଦି। ସମ୍ମାନ, ଧୈର୍ଯ୍ୟ, ଗଠନମୂଳକ ଚିନ୍ତାଧାରା ସହିତ ସମସ୍ୟା ସମାଧାନର ଦ୍ୱାର ଖୋଲିଥାଏ। ସୁବିଧା, ଅସୁବିଧା କ'ଣ ସେମାନଙ୍କୁ ବୁଝାନ୍ତୁ। କେବଳ ନିୟମ ନୁହେଁ, ଆଜିର ଯୁବସମାଜ ଯେତେବେଳେ ନିଜର ଲାଭକୁ ପାଇବା ଅନୁଭବ କରନ୍ତି ସେତେବେଳେ ସେମାନେ ନିୟମ ପାଳନ କରନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ପରିବର୍ତ୍ତେ ଆପଣ କହିପାରନ୍ତି 'ଯଦି ତୁମେ ପ୍ରତିଦିନ ଗୋଟିଏ ଘଣ୍ଟା ପାଇଁ ଫୋନ୍ ବ୍ୟବହାର ହ୍ରାସ କର ତେବେ ତୁମର ଏକାଗ୍ରତା ବୃଦ୍ଧି ପାଇବ ଏବଂ ତୁମେ କମ୍ ଚାପ ଅନୁଭବ କରିବ।'

ଛୋଟ ଛୋଟ ସଫଳତା ପାଇବାକୁ ଉତ୍ସାହିତ କରନ୍ତୁ। ବଡ଼ ପରିବର୍ତ୍ତନ ପାଇଁ ବାଧ କରନ୍ତୁ ନାହିଁ। ସରଳ ଅଭ୍ୟାସ ସହିତ ସେମାନଙ୍କୁ ପରାମର୍ଶ ଦିଅନ୍ତୁ। ଯେପରି, ଦିନକୁ ବାହାରେ ୧୦ ମିନିଟ୍ ଚାଲିଲେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ। ଅନ୍ୟ ସହିତ ତୁଳନା କରିବା ବନ୍ଦ କରନ୍ତୁ। ଏହା ଚାପ ହ୍ରାସ କରେ ଏବଂ ଧୈର୍ଯ୍ୟ ବୃଦ୍ଧି କରେ। ଏକ ସହାୟକ ପରିବେଶ ସୃଷ୍ଟି କରନ୍ତୁ। ପରିବେଶ ପରାମର୍ଶ ଅପେକ୍ଷା ଆଚରଣକୁ ଅଧିକ ଆକାର ଦିଏ। ବାସ୍ତବ ଜୀବନ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। କ୍ରୀଡ଼ା, ଚାଲିବା, ଯୋଗ, ଯେକୌଣସି ହବି ଯଥା - ସଙ୍ଗୀତ, କଳା, ପଠନ ଆଦି କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ଭାବରେ ଧୈର୍ଯ୍ୟ ଓ ଶୃଙ୍ଖଳା ଶିଖାଏ। ସେମାନଙ୍କର ପ୍ରତ୍ୟେକ ଛୋଟ ଉନ୍ନତିକୁ ପ୍ରଶଂସା କରନ୍ତୁ। ପ୍ରଶଂସା ପ୍ରେରଣା ବଢ଼ାଏ ଆଉ ପ୍ରେରଣା ଧୈର୍ଯ୍ୟ ବଢ଼ାଏ। ଆପଣ ନିଜେ ଏକ ଆଦର୍ଶ ହୁଅନ୍ତୁ। ଆପଣ ମଧ୍ୟ ମୋବାଇଲ ଫୋନ ଓ ଟିଭିରୁ ମନ ହଟାଇବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ଆପଣଙ୍କ ପରାମର୍ଶ ଅପେକ୍ଷା ଆପଣଙ୍କୁ ନିରୀକ୍ଷଣ କରି ଅଧିକ ଶିଖନ୍ତି। ଯଦି ଆପଣ ଶାନ୍ତ ରୁହନ୍ତି ଏବଂ ଧୈର୍ଯ୍ୟର ସହିତ ସମସ୍ୟାଗୁଡ଼ିକୁ ପରିଚାଳନା କରନ୍ତି ତେବେ ସେମାନେ ତାହାକୁ ଅନୁକରଣ କରିବେ।

ଧୈର୍ଯ୍ୟ ଗୋଟିଏ ଅଭ୍ୟାସ। ନିୟମିତ ସଠିକ ମାର୍ଗଦର୍ଶନ, ଶାନ୍ତ ପରିବେଶ ଓ ସକାରାତ୍ମକ ମନୋଭାବ ଦ୍ୱାରା ବୃଦ୍ଧି ହେବାକୁ ସମୟ ଲାଗେ। ଯଦି ଯୁବସମାଜ ଧୈର୍ଯ୍ୟଶୀଳ ହେବେ, ତେବେ ନିଜ ଜୀବନ, ସମାଜ ଓ ଦେଶ ଅଧିକ ସୁଦୃଢ଼ ହେଇପାରିବ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଉନ୍ନତି ସହିତ ସଚ୍ଚୋଟତା, ଉତ୍କୃଷ୍ଟ ଶିକ୍ଷାପ୍ରଣାଳୀ, ପରିବାର ସହାୟତା ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସର୍ବୋପରି ସାମୂହିକ ପ୍ରୟାସ ଦ୍ୱାରା ଯୁବସମାଜ ନିଜର ଜୀବନକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ଶାନ୍ତିପୂର୍ଣ୍ଣ ଦିଗକୁ ନେଇଯିବାକୁ ସମର୍ଥ ହୋଇପାରିବେ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ଦୀପ୍ତିମାନ ଗଛ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

କେତେକ ଜୀବଙ୍କର ଶୀତଳ ଆଲୋକ ବିକିରଣକାରୀ ଗୁଣ ରହିଛି। ଏହା ସେମାନଙ୍କ ଜୀବନଯାତ୍ରା ପ୍ରକ୍ରିୟାର ଏକ ଅଂଶ ବିଶେଷ। ଏହି ଆଲୋକକୁ ଜୀବଦୀପ୍ତି ବା ବାୟୋଲୁମିନ୍ସେନ୍ସ (Biolumінerscence) ବୋଲି କୁହାଯାଏ। ଜୁଳୁଜୁଳିଆ ପୋକ ତାହାର ତଳିପେଟରେ ଥିବା ଏକ ବିଶଷ ଅଙ୍ଗରୁ ଏହା କରେ। ତାର ଯୌନ ସାଥୀ ଏବଂ ଶିକାରକୁ ଆକୃଷ୍ଟ କରିବାରେ ଏହା ସହାୟକ ହୁଏ। ସେହିପରି ଅଙ୍ଗାରମାଛ (Angles fish) ର ପାଟି ଆଗକୁ ଥିବା ଏକ ଅଙ୍ଗରୁ ଏପରି ଅଲୋକ ବାହାରି ତା' ଶିକାରକୁ ଆକୃଷ୍ଟ କରେ। କେତେକ ଶ୍ରେଣୀର ସ୍କୁଇଡ (Squid)ଙ୍କର ବି ଆଲୋକ ସୃଷ୍ଟିକାରୀ ଅଙ୍ଗର ରହିଛି। ସେମାନେ ସେଥିରୁ ଆଲୋକର ବାଦଲ ନିର୍ଗତ କରିପାରନ୍ତି, ଯାହାକି ସେମାନଙ୍କ ଶିକାରୀଜୀବମାନଙ୍କୁ ଭୟଭୀତ କରେ। ଅନ୍ୟ ପକ୍ଷରେ କେତେକ ସମୁଦ୍ରବାସୀ ପ୍ଲାଙ୍କଟନ୍ (Plankrun) ଅଜ୍ଞାତ ପରିବେଶର ସମ୍ମୁଖୀନ ହେଲେ ଶରୀରରୁ ଆଲୋକ ସୃଷ୍ଟି କରନ୍ତି। ଏହା ତାଙ୍କ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ ଏବଂ ଚତୁଃପାର୍ଶ୍ୱକୁ ଆଲୋକିତ କରେ। କେତେକ ଶ୍ରେଣୀର କବକ ବା ଫଙ୍ଗସ୍ (Fungus) ମଧ୍ୟ ଏପରି କରିପାରନ୍ତି। ଏହାକୁ ଫକ୍ସ ଫାୟାର୍ (Fox fine) ବୋଲି କୁହାଯାଏ। ଏହି ଜୀବଦୀପ୍ତ ସେମାନଙ୍କଠାରେ ଥିବା ଲ୍ୟୁସିଫେରିନ୍ (Luciferin) ନାମକ ଏକ ଜୈବରାସାୟନିକ ପଦାର୍ଥ ଏବଂ ଲ୍ୟୁମିସିଫେରେଜ (Luciferase) ନାମକ ଏନଜାଇମ ମଧ୍ୟରେ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟିହୁଏ।

ଗଛଲତାମାନଙ୍କଠାରେ ସାଧାରଣତଃ ଏପରି ହେବାର ଦେଖାଯାଏ ନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ 'ବାୟୋଲୁମିନ୍ସେନ୍ସ) କବକମାନ ବ୍ୟବହାର କରି ଏମାନଙ୍କୁ ଦୀପ୍ତିମାନ କରିବା ଏବଂ ତାଙ୍କଠାରୁ ଦୀପ୍ତିମାନ କାଠ ଉତ୍ପାଦନ କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରକିୟାରେ ସେମାନେ ଗଛମାନଙ୍କ ଦେହରେ ଏହି ଜାତୀୟ କବକ ଏବଂ ତା'ର ଅଭିବୃଦ୍ଧିରେ ସହାୟତା କରୁଥିବା କେତେକ ପୁଷ୍ଟି ଇଜେକ୍ସନ ଆକାରରେ ଦେଉଛନ୍ତି। ଫଳରେ ସେଗୁଡ଼ିକ ସେଥିରେ ବଂଶବିସ୍ତାର କରି ଶୀତଳ ନୀଳ ଆଲୋକ ଉତ୍ପନ୍ନ କରୁଛନ୍ତି। ଏପରିକି ଗଛର ମୃତ୍ୟୁପରେ ମଧ୍ୟ ଦୀର୍ଘକାଳ ଧରି ତାହା ତହିଁରୁ ନିର୍ଗତ ହେଉଛି।

ଆଶାକରାଯାଉଛି ଯେ ଏପ୍ରକାର ନୂତନତା ପ୍ରବର୍ତ୍ତନକାରୀ ସଫଳତା ପରିବେଶ ଅନୁକୂଳ ଆଲୋକର ଉତ୍ସ ରୂପେ କାର୍ଯ୍ୟ କରିପାରିବ। ଅତଏବ ପାରମ୍ପରିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହ୍ରାସ ପାଇବ। ଏହି ଶକ୍ତିର ପ୍ରାୟ ୭୦ ଶତାଂଶ ଉତ୍ପନ୍ନ ହୋଇଥାଏ କୋଇଲା ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାରରେ। ଫଳରେ ତହିଁରୁ ନିର୍ଗତ ହୁଏ ପ୍ରଚୁର ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ। ବର୍ତ୍ତମାନର ନୂତନ ପ୍ରକ୍ରିୟାଟି ବହୁଳ ଭାବେ ବ୍ୟବହାରକ୍ଷମ ହୋଇପାରିଲେ ଏ ସମସ୍ୟା ଲାଘବ ହେବ।

ବୈଜ୍ଞାନିକମାନେ ଜଙ୍ଗଲ ତଥା ନିର୍ଜନ ରାସ୍ତାଘାଟ କଡ଼ରେ ଥିବା ଗଛଲତାଙ୍କଠାରେ ଏହା ପ୍ରୟୋଗ କରିବା କଥା ଚିନ୍ତା କରୁଛନ୍ତି। ଅତଏବ ସେସବୁ ସ୍ଥାନ ଆଲୋକିତ ଓ ବିପଦମୁକ୍ତ ହୋଇପାରିବ। ପୁନଶ୍ଚ ଏବର ପ୍ରାକୃତିକ ଆଲୋକ ଜୀବଜନ୍ତୁମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହେବ। ଅନ୍ୟପକ୍ଷରେ, ଏପ୍ରକାର ଗଛରେ କାଠରେ ଘରୋଇ ଉପକରଣମାନ ତିଆରି କରାଗଲେ ବିଦ୍ୟୁତ୍ ଆଦି କୃତ୍ରିମ ଆଲୋକର ଆବଶ୍ୟକତା ହ୍ରାସ ପାଇବ। ପୁନଶ୍ଚ ମନ୍ଦିର, ବିବାହ ମଣ୍ଡପ ଆଦିର ସାଜସଜାରେ ମଧ୍ୟ ଏହାର ବ୍ୟବହାର ହୋଇପାରିବ।

ଏଭଳି ବାୟୋଲୁମିନ୍ସେନସ ଉତ୍ପାଦନକାରୀ କବକ ବ୍ୟବହାର କରି ଦୀପ୍ତିମାନ ଗଛଲତା ଓ କାଠ ଉତ୍ପନ୍ନ କରିବା ଏକ ଅତ୍ୟନ୍ତ ସହନୀୟ ପ୍ରକ୍ରିୟା ହୋଇପାରିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ଜଳ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ଆବଶ୍ୟକତା ହ୍ରାସ ପାଇବ। ଅତଏବ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ନିର୍ଗମନ ତଥା ବନ ଧ୍ୱଂସ ଆଦି ସୀମିତ ହେବ। ପୁନଶ୍ଚ ଏହି ପରିବେଶ ଅନୁକୂଳ ଆଲୋକ ମଧ୍ୟ ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ବୋଲି ମନେ କରାଯାଉଛି। ତେବେ ଏ ପ୍ରକ୍ରିୟାର ବ୍ୟାପକ ବ୍ୟବହାର ଲାଗି ଲୋଡ଼ା ଆହୁରି ଅନେକ ପରୀକ୍ଷା ନିରୀକ୍ଷା ଏବଂ ତାହାର ଅଧିକ ବିକାଶ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରମ୍ଭରୁ ଏସ୍‌ଆଇଆର୍...

ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରି ସଂସଦୀୟ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବେ। ଏହି ସମୟରେ ସେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ। ଧନଖଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ତାଙ୍କର ଏହି ବକ୍ତବ୍ୟକୁ ସରକାରୀ ସଭ୍ୟ ଦୃଢ଼ ବିରୋଧ କରିଥିଲେ। ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ପୁରୁଣା କଥା ଉଠାଯିବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ରିଜିଜୁ ଏବଂ ଜେପି ନଡ୍ଡା କହିବା ସହିତ ଖଡ଼ଗେଙ୍କର ସମାଲୋଚନା କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ମାନସିକ ରୂପେ ଅସୁସ୍ଥ ଥିବାରୁ ସେ ଡାକ୍ତରଙ୍କୁ ଯାଇ ଦେଖା କରନ୍ତୁ।

ଇତିମଧ୍ୟରେ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ସଭ୍ୟମାନେ ଦେଇଥିବା ଏକାଧିକ ମୁଲତବୀ ନୋଟିସକୁ ରାଜ୍ୟସଭା ଅଧ୍ୟକ୍ଷ ଖାରଜ କରଦେଇଥିଲେ। ଜିରୋ ଆୱାର ବେଳେ ଏହି ପ୍ରସଙ୍ଗ ଉଠାଇବା ଲାଗି ରାଧାକ୍ରିଷ୍ଣନ ବିରୋଧୀ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ବିରୋଧୀ ସଭ୍ୟ ଏହାକୁ ଗ୍ରହଣ ନକରି କକ୍ଷତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ଆଜି ସଂସଦ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ଦେଇଥିବା ବିବୃତିକୁ ବିରୋଧୀ ଦଳ ସମାଲୋଚନା କରିଥିଲେ। ମୋଦୀ କହିଥିଲେ ଯେ କାମ କରିବା ପରିବର୍ତ୍ତେ ବିରୋଧୀ ସଭ୍ୟ ସଂସଦ ॥ରେ ଡ୍ରାମାବାଜି କରୁଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି କହିଲେ ଯେ ବିରୋଧୀ ସଭ୍ୟମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚାହାନ୍ତି। ଏହା କଣ ଡ୍ରାମାବାଜି ବୋଲି ସେ ପ୍ରଶ୍ନ କରିଥିଲେ।

### ୫ ସହରରେ...

ପାଠକୀୟ ଆଦୃତି ଲାଭ କରିପାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ, ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ଚା' ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ଓଲିଉଡ଼ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ଶଶିକାନ୍ତ ଓରାମ୍, ଦ୍ୱିତୀୟ ସ୍ଥାନ ଏସ୍. ଲୋକନାଥ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସୁନ୍ଦର ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

'ହିରୋ ମୋଟୋ କର୍ପ' ଓ 'ଫାଲକନ୍' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରସିଂ ପନୱର, ସମ୍ପାଦକ ଶିଶିର ଭଙ୍ଗମିଶ୍ର, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ଗୁରୁ, ବାର୍ତ୍ତା ବିଭାଗ ସଂଯୋଜକ ତୁଷାର ରଞ୍ଜନ ମହାନ୍ତିଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରାୟୋଜକ ଓ ସହପ୍ରାୟୋଜକ ସଂସ୍ଥା ହିରୋ, ଅଜନ୍ତା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ମଞ୍ଜରୀ ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ୍, ଡିଓସି ବାଇକର ଗ୍ରୁପ୍, ସିଭି ରମଣ କଲେଜ, ୱିଙ୍ଗର ଭୁବନେଶ୍ୱର, ଫେଡ଼େରେସନ ଅଫ୍ ବ୍ଲଡ଼ ଡ଼ୋନେସନ ଅର୍ଗାନାଇଜେସନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଞ୍ଜିନିଅରିଂ ଓ ସେଫ୍ଟି ମ୍ୟାନେଜମେଣ୍ଟ ଆଦି ସଂସ୍ଥାକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତଥିବା ଓଡ଼ିଆ ସିନେମା 'ମନ୍ତ୍ରମୁଗଧ' ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂଜୀବ ଓ ସୋନାଲୀ ସଂଯୋଜନା କରିଥିଲେ।

ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ପ୍ରମୋଦ ନାୟକ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ, ନନ୍ଦିଘୋଷ ଟିଭିର ସତ୍ୟ ମହାନ୍ତି, ସନ୍ତୋଷ ପରିଡ଼ା, ଚନ୍ଦ୍ରକାନ୍ତ ପଣ୍ଡା, ମନୋଜ ସାହୁ, ସକାଳ ଡ଼ିଜିଟାଲ ମୁଖ୍ୟ ତାପସ କୁମାର, ବିତ୍ତ ବିଭାଗ ମୁଖ୍ୟ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪୫ ମିନିଟରେ...

ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକାଂଶ ଟିକଟ ପାଇବା ଆଶା ଛାଡି ଦେଇଥିଲେ। ଅଗ୍ରୀମ ବୁକିଂ କରିଥିବା କ୍ରିକେଟପ୍ରେମୀ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟର ହାର୍ଡକପି ପାଇବେ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଂଟର ଖୋଲାଯିବ। ବାରବାଟୀରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ୯ ତାରିଖ (ମଙ୍ଗଳବାର) ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ନିମନ୍ତେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍କଣ୍ଠା ବହୁଗୁଣିତ ହେବାରେ ଲାଗିଲାଣି। ମ୍ୟାଚ୍ ଦିବସ ଯେତିକି ପାଖେଇଆସୁଛି ବାରବାଟୀ ମୁକାବିଲାକୁ ନେଇ ଆଲୋଚନା ସେତିକି ସରଗରମ ହେଉଛି। ଅନଲାଇନ ଟିକଟ ବିକ୍ରି ଶେଷ ହେବା ପରେ ଆସନ୍ତା ୩ ଏବଂ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟକୁ ଟିକଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ହଜାର ଟିକଟ ବିକିବାକୁ ଓସିଏ ସ୍ଥିର କରିଛି। ପରେ ଅବଶିଷ୍ଟ ୧୦ହଜାର ଟିକଟ କାଉଣ୍ଟରକୁ ଚାଲିଯିବ। ଚଳିତଥର ୫ଟି କାଉଣ୍ଟର ଖୋଲିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଅଫଲାଇନ୍ ଟିକଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି। ଟିକଟ ବିକ୍ରି ପାଇଁ ଦୁଇଟି କନଟେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା ରହିଛି। ଗତ ୨୦ଦିନ ହେବ ପିଚ୍ ଏବଂ ଆଉଟଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ କରାଯିବ ବୋଲି ଓସିଏ ପକ୍ଷରୁ ଜଣାପଡ଼ିଛି।

### ଡିଜିଟାଲ ଆରେଷ୍ଟ...

ହାସଲ, ବ୍ୟାଙ୍କ ଆକାଉଣ୍ଟ ଜବତ କରିବାକୁ ଅଧିକାର ପ୍ରଦାନ କରିଛନ୍ତି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ।

ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଡିଜିଟାଲ ଆରେଷ୍ଟରେ ଠକ ନିଜକୁ ପୁଲିସ, କୋର୍ଟ କିମ୍ବା ସରକାରୀ ଏଜେନ୍ସିର ଅଧିକାରୀ କହି ଭିଡିଓ/ଅଡିଓ କଲ୍ ମାଧ୍ୟମରେ ପୀଡ଼ିତଙ୍କୁ, ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଧମକ ଦେଉଛନ୍ତି। ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଆର୍‌ବିଆଇକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ସାଇବର ଠକେଇରେ ବ୍ୟବହୃତ ବ୍ୟାଙ୍କ ଖାତାକୁ ତୁରନ୍ତ ଟ୍ରାକ୍ ଏବଂ ଜବତ କରିବାକୁ ଏଆଇ କିମ୍ବା ମେସିନ ଲର୍ଣ୍ଣିଂ ଜ୍ଞାନକୌଶଳର କାହିଁକି ବ୍ୟବହାର କରାଯାଉ ନାହିଁ ବୋଲି ପଚାରିଛନ୍ତି। ସେହିପରି ଆଇଟି ଇଣ୍ଟରମିଡିଆରିଜ ଆଇନ ଅଧୀନରେ ସିବିଆଇକୁ ଆବଶ୍ୟକ ସହଯୋଗ ଏବଂ ତଥ୍ୟ ଦେବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦେଶରେ ଥିବା ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବାକୁ ଇଣ୍ଟରପୋଲର ସହାୟତା ନେବା ପାଇଁ ସିବିଆଇକୁ କହିଛନ୍ତି।

ଟେଲିକମ ବିଭାଗ ଏବଂ ରାଜ୍ୟମାନଙ୍କୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଜାରି କରିଛନ୍ତି। ଜ ।।ଣେ ବ୍ୟକ୍ତି କିମ୍ବା ସଂସ୍ଥାକୁ ଏକାଧିକ ସିମ୍ ଜାରି ନ କରିବା ପାଇଁ କହିଛନ୍ତି। କାରଣ ସାଇବର ଅପରାଧରେ ଏଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି। ସାଇବର ଠକେଇର ମୁକାବିଲା ପାଇଁ କି ଯୋଜନା କରିଛ ତାହାର ଜବାବ ଦେବାକୁ କୋର୍ଟ ଟେଲିକମ ବିଭାଗକୁ କହିଛନ୍ତି। ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକୁ କହିଛନ୍ତି। ଏହା ଦ୍ୱାରା ସିବିଆଇ ଏବଂ ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ରହିବ। ଏହି ତଦନ୍ତରେ ସହାୟତା ପାଇଁ ରାଜ୍ୟଗୁଡ଼ିକରୁ ଅଧିକାରୀ ଚୟନ ଲାଗି ମଧ୍ୟ କୋର୍ଟ ସିବିଆଇକୁ ସ୍ୱାଧୀନତା ଦେଇଛନ୍ତି।

### ୭ ମାସରେ...

କହିଥିଲେ ଯେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୩୯ ପ୍ରତିଶତ ବଜେଟ ଅର୍ଥ ବ୍ୟୟ ହୋଇଛି। ଏଥିରୁ ପ୍ରଶାସନିକ ବ୍ୟୟ ୪୪ ପ୍ରତିଶତ ଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୩୬ ପ୍ରତିଶତ। ଅକ୍ଟୋବର ଶେଷ ସୁଦ୍ଧା କ୍ରୀଡ଼ା ବିଭାଗ ମାତ୍ର ୮.୮୩ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ୧୩.୨୮ ପ୍ରତିଶତ, ପଞ୍ଚାୟତିରାଜ ବିଭାଗ ୨୩.୨୦ ପ୍ରତିଶତ, ଖଣି ବିଭାଗ ୧୬.୩୩ ପ୍ରତିଶତ, ଶକ୍ତି ବିଭାଗ ୨୮.୮୬ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା ୧୧.୮୭ ପ୍ରତିଶତ, ଏମଏସଏମଇ ବିଭାଗ ମାତ୍ର ୧୭.୫୩ ପ୍ରତିଶତ ବଜେଟ ଅର୍ଥ ବ୍ୟୟ କରିଛନ୍ତି। ହାତରେ ଆଉ ମାତ୍ର ୪ ମାସ ସମୟ ବାକି ରହିଛି। ଏପରିସ୍ଥଳେ ବଜେଟ ଅର୍ଥ କିପରି ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ , ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କମ୍ ଅର୍ଥ ବ୍ୟୟ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ସେହିପରି କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ସରକାର ବଜେଟ ବ୍ୟୟ ଅଟକଳ କରିଥିଲେ। ୪୧ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ୭ ହଜାର ୬୧୩ କୋଟି ଟଙ୍କା ପାଇଛନ୍ତି। ମାତ୍ର ୧୮ ପ୍ରତିଶତ ପାଇଛନ୍ତି। ଅବଶିଷ୍ଟ ୪ ମାସରେ କେନ୍ଦ୍ର ସବୁ ଟଙ୍କା କେନ୍ଦ୍ର ସରକାର ଦେବେ ତ। ଏହାଦ୍ୱାରା ରାଜ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ କହିଥିଲେ ଯେ ବିଭିନ୍ନ ବିଭାଗରେ ବଜେଟ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ। ବଜେଟ ଅର୍ଥ ଖର୍ଚ୍ଚ ନହେଲେ, ଲୋକଙ୍କ ବିକାଶ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଆଉ ୨-୩ ମାସ ମଧ୍ୟରେ ଶତ ପ୍ରତିଶତ ବ୍ୟୟ କରିବା ପାଇଁ କେଉଁ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ନିରଞ୍ଜନ ପୂଜାରୀ ଗତବର୍ଷ କେତେ ବଜେଟ ସରେଣ୍ଡର ହୋଇଥିଲା ଏବଂ ଚଳିତ ବର୍ଷ କେତେ ହେବା ନେଇ ସରକାର ଅନୁମାନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

### ଅର୍ଥନୈତିକ ଅବରୋଧ...

ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଭାରୀଯାନର ଲମ୍ବାଲାଇନ ଲାଗିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ୭ଟାରେ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହରେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା ହୋଇଛି। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ସେହିଦିନ ଟୋକନ ପାଇଥିବା ଚାଷୀ ବରେଇପାଲି ମାର୍କେଟ୍ ୟାର୍ଡକୁ ଶହଶହ କ୍ୱିଣ୍ଟାଲ ଧାନ ନେଇଥିଲେ। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟିଠାରେ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ପ୍ରାୟ ୫ଘଣ୍ଟା ଧରି ଆଲୋଚନାର କିଛି ନିଷ୍କର୍ଷ ବାହାରି ନଥିଲା। ମିଲର୍ ୭ ଦଫା ଦାବି ପୂରଣ ନହେଲେ ଧାନ ନେବନି ବୋଲି ନଛୋଡ଼ବନ୍ଧା ଥିବା ବେଳେ ଚାଷୀମାନେ ଧାନ ଫେରାଇ ନେବେନି ବୋଲି ଜିଦ୍ ଧରିଲେ। ସଦର ଉପଜିଲ୍ଲାପାଳ ଶନିବାର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶନିବାର ସକାଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଉପସ୍ଥିତିରେ ମାର୍କେଟ୍ ୟାର୍ଡରୁ ଧାନ ମିଲ୍‌କୁ ଧାନ ପଠାଗଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ମିଲ୍‌ଗୁଡ଼ିକର ଫାଟକ ଖୋଲାଗଲା ନାହିଁ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ପ୍ରଶାସନିକ ଚାପରେ ମିଲ୍‌ର ଫାଟକ ଖୋଲି ଧାନ ସଂଗ୍ରହ କରିଥିଲା। ଧାନକୁ ଓଜନ କରି ସ୍ଲିପ ଦେଇଥିଲା। କିନ୍ତୁ ସ୍ଲିପ୍‌ରେ କେବଳ ଧାନର ଓଜନ ରହିଛି, ଏହାର ମୂଲ୍ୟ ନାହିଁ। ମିଲ୍ ଓ ଯୋଗାଣ ବିଭାଗ ମଧ୍ୟରେ ଏଗ୍ରିମେଣ୍ଟ କରାହୋଇନି। ଏହି ଧାନ ମିଲ୍‌ରେ ଗଚ୍ଛିତ ରହିବ। ଚାଷୀକୁ ତା'ର ପ୍ରାପ୍ୟ ମିଳିବ ନାହିଁ।

ଏହାକୁ ନେଇ ଆଜି ଚାଷୀମାନେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ଓ ୫୫ର ସଂଯୋଗସ୍ଥଳୀ ତୁମ୍ବେସିଂହା ଛକଠାରେ ଅର୍ଥନୈତିକ ଅବରୋଧ କରିଥିଲେ। ଏଥିରେ ପରମାଣପୁର, ସେରସୁଆଁତଲ, କୁକୁଡ଼ାପାଲି, ତବଲା, ଧମା, ହୁମା, ଗୁଣ୍ଡେରପୁର, ମାନେଶ୍ୱର, ସାହାସପୁର, ଚାଉଁରପୁର ଆଦି ବିଭିନ୍ନ ମଣ୍ଡି ଗୁଡ଼ିକର ଚାଷୀମାନେ ଏହି ରାସ୍ତାରୋକରେ ସାମିଲ ହୋଇଥିଲେ। ବିକ୍ଷୋଭରତ ଚାଷୀମାନେ କେବଳ ମାଲବାହୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଏସ୍‌ପି, ଏସଡିପିଓ ଓ ବିଭିନ୍ନ ଥାନାର ଥାନାଧିକାରୀ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ। ଅନ୍ୟପକ୍ଷରେ ଯୋଗାଣ ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତାକାଲିଠାରୁ ଅନ୍‌ଲାଇନରେ ଟୋକନ, ପି-ପାସ, ମିଲର୍ ଟାର୍ଗେଟ୍, ଆଇ-ସ୍କାନିଂ ଆଦି କରି ଧାନ ସଂଗ୍ରହ ହେବ ବୋଲି ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଇଛି। କାଲିଠୁ ଠିକ୍ ଭାବେ ଧାନ କିଣା ହେବ ବୋଲି ଆଶା ଅଛି। କିନ୍ତୁ, ପ୍ରାୟ ୧୯ ହଜାର ଚାଷୀଙ୍କ ଟୋକନ୍ ଆସି ନାହିଁ। ଯେଉଁ ୫୪ହଜାର ଚାଷୀଙ୍କ ଟୋକନ୍ ଆସିଛି, ସେମାନଙ୍କ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ଚାଷୀ କ'ଣ କରିବ? ସାମଗ୍ରିକ ଭାବେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲ୍ଲା କୃଷକ ସଂଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆସନ୍ତାକାଲିଠାରୁ ଧାନ କିଣାବିକା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଆଗକୁ ଖରିଫ ଧାନ କିଣାବିକାରେ କୌଣସି ସମସ୍ୟା ହେବ ନାହିଁ ବୋଲି ଆଶା କରୁଛୁ।

### ଭୁବନେଶ୍ୱର ଏମ୍ସକୁ...

ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଅଞ୍ଚଳବାସୀ, ଛାତ୍ରୀ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ୧୯୨୬ ମସିହା ଡିସେମ୍ବର ୫ ତାରିଖରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମସିହା ମଧ୍ୟରେ ସେ କଟକ ଏସସିବି ମେଡିକାଲ କଲେଜରେ ଏମବିବିଏସ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ ଏମ୍‌ଡି ଇନ୍ 'ଓଏସଜି' ପାଠ ପଢ଼ିଥିଲେ। ୧୯୫୦ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକରି ଜୀବନ ଆରମ୍ଭ କରି ୧୯୮୬ ମସିହାରେ ଏମ୍‌କେସିଜିରେ ଅବସର ନେଇଥିଲେ। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାସ୍‌ନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ଭଳି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.01
ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଟିକା | 27.01.2026, 1200 ଘଟିକା |

ବିସ୍ତୃତ ବିବରଣୀ ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

**AFFIDAVIT**

By virtue of an affidavit before the Notary Public, Sonepur, dtd.01.12.2025. I, Priyanka Kaanr, resident of Bhajabajpur, PO-Dharmasala, PS-Birmaharajpur, Dist-Subarnapur, Odisha, PIN-767062, do hereby declare that my I have changed my name from Priyanka Kaanr to Priyankarani Kaanr. Henceforth I shall be known as Priyankarani Kaanr for all purposes.
Sd/- Priyankarani Kaanr

**AFFIDAVIT**

I, Praduymnya Rout, S/o- Dolagobinda Rout, resident of At-Balabhadrapur, Cuttack sadar, Cuttack, Dist-Cuttack, PIN-753012, Odisha declared by this affidavit No-982, dtd-01/12/2025 that now onwards I shall be known as **PRADYUMNA ROUT** for all future purposes.

**AFFIDAVIT**

I, Droupadi Agrawal, aged about 59 years, W/o-Binod Kumar Agrawal, resident of Ward No-8, Rajapada, Khariar, Po-Khariar, Ps- Khariar, Dist-Nuapada, Odisha, Pin-766107 declare by this affidavit No. 2421, dtd-30/11/2025, that now onwards I shall be known as **DROPTI DEVI AGRAWAL** for all future purposes.

**AFFIDAVIT**

I, Anusmita Sahoo, D/o Seshadev Sahu, W/o-Debabrata Sahu, resident of AT/PO- Ekatara, PS- M Rampur, Dist- Kalahandi, PIN- 766102, Odisha, present resident of AT/PO-Titilagarh, Dist- Balangir, PIN- 767033, Odisha declared by this affidavit No. 72AA 949067, date-12/11/2025 that now onwards I shall be known as **ANUSMITA SAHU** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide No - 46, dtd 01/12/2025, I, Barun Kumar Sahoo, At/Po/Ps - Tamando, Pin - 752054, Dist - Khordha, Odisha, declare that I have changed my name from Barun Sahoo to Barun Kumar Sahoo. Henceforth I shall be known as Barun Kumar Sahoo for all purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 19/11/2025. Affidavit No.-3398, I Keshav Kelu Sahoo, Address- Govindapur, Po.- Parichhal, Ps.- Begunia, Dist.- Khordha, Pin-752062 declare that, my Name from **Keshav Chandra Sahu** to **Keshav Kelu Sahoo**. Henceforth, I shall be known as **Keshav Kelu Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 25.11. 2025 I, KEDARA SAHU, S/o - Late. Subash Chandra Sahoo, Residences of Bada Harijan Sahi, Nabarangpur, Po.- Nabarangpur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed the name of my Son from **SOUMYA HARIJAN SAHU** to **ANSUMAN SAHU**. Henceforth, he shall be known as **ANSUMAN SAHU** for all purposes.
Sd/- Kedara Sahu

**AFFIDAVIT**

By virtue of an affidavit sworn before the Executive Magistrate, Sohela, vide no. 02, dated 20.11.2025 I, Kalachand Bhue, S/o - Sujan Bhue, R/o Village/ P.O.- Chhuriapali, Ps.- Sohela, Dist.- Bargarh, declare that, I have changed the name of my minor Son from **ROHIT BHUE** to **PRITAM BHUE**. Henceforth, he shall be known as **PRITAM BHUE** for all purposes.
Sd/- Kalachand Bhue

**NOTICE**

By virtue of an affidavit sworn before Executive Magistrate, Puri, Dated 27.11.2025, I, Susanta Sahoo, S/o- Rajkishore Sahoo, At-Tridev Nagar, Markandeswar Sahi, Puri, Po-Puri, Ps- Baseli sahi, Dist- Puri, Pin- 752001, Odisha declare that I have changed my name from Susanta Kumar Sahoo to Susanta Sahoo. Henceforth, I shall be known as Susanta Sahoo for all purposes.
(Susanta Sahoo)

**AFFIDAVIT**

I Santosh Giri s/o- Krushna Prasad Giri - , resident of village - Sialia, Po-Pasarbindha Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.6008/1.12. 2025, that my minor son's former name Aush Giri has changed to Ayush Giri form the date.Hence my son name shall be known as Ayush Giri for all future purpose.

**AFFIDAVIT**

I, Susmita Rout, W/o-Pradyumna Rout, resident of At-Balabhadrapur,Chhatra Bazar, Cuttack sadar, AD Market, Cuttack, Dist-Cuttack, PIN-753012, Odisha declared by this affidavit No-983, dtd-01/12/2025 that now onwards I shall be known as **SUSHMITA ROUT** for all future purposes.

**NOTICE FOR CANCELLATION OF TENDER** A-1026

Office of The Executive Engineer
Muran Dam Division
Upper Indravati Dam Circle, Khatiguda
Dist.: Nabarangpur-764085
Date: 28.11.2025

It is hereby informed to the public and all concerned that the Tender invited vide Tender Call Notice No. EEMDD-03/2025-26, Dated: 06.11.2025 for the work "Deployment of one light Commercial Vehicle (Bolero/TUV-300 / SUMO Gold/ Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year/12 calendar months." has been cancelled.

The tender has been cancelled due to non-qualification of any bidder in the Techno-Commercial evaluation stage, resulting in no bidder is qualified for further proceedings.

OIPR-32230/11/0006/2526
Executive Engineer
Muran Dam Division

 କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି) KK-286

**COLLEGE OF AGRICULTURE, BHAWANIPATNA**
*(Odisha University of Agriculture & Technology)*
Arkabahali Farm, Raipur Road, Bhawanipatna – 766001, Odisha
Email: **deancab@ouat.ac.in**

**HIRING OF VEHICLE**
**TENDER NOTICE No- 01/2025-26**

Sealed Quotation/Tender in the prescribed proforma are invited from interested reputed Travel agencies/Tour Operators/Private individuals for providing one number of AC Petrol/Diesel (**TUV-300, BOLERO, SUMO GOLD, ERTIGA** etc.) driven vehicles having sitting capacity not less than 07 including driver on monthly hire rent basis for official use of OUAT, as and when required. The vehicle should not be more than **3 (three) years old** from the date of initial registration and should be in a good running condition. The detail Terms and Conditions along with the Forms for hiring of the vehicle is available in the office of the undersigned on any working day during office hour on payment of tender paper cost amounting **Rs. 2000/- (Rupees two thousand)** (Non-refundable) from **08.12.2025 to 07.01.2026 up to 5.00 P.M.** or can be downloaded from official website www.ouat.ac.in. If tender papers are downloaded from website, the bid should be submitted with the tender paper cost amounting **Rs. 2000/- in shape of DD in favour of Dean, College of Agriculture, Bhawanipatna (Non-refundable).** The tender paper duly filled in (complete in all respect) and accompanied with the **Earnest Money Deposit (EMD) of Rs. 13,400/- (Rupees thirteen thousand four hundred only)** in shape of NSC/KVP/POTD/TDR (duly pledged in favour of the Dean, College of Agriculture, payable at Bhawanipatna) and proof of tender paper cost (money receipt/DD in favour of Dean, College of Agriculture, Bhawanipatna) should reach the undersigned on or before **Dt. 07.01.2026 by 5.00 P.M.** through registered post/speed post and shall be opened on the next day i.e. on **Dt. 08.01.2026 at 4.00 P.M.** in presence of the bidders or their authorized representatives. The EMD of unsuccessful bidders will be refunded on completion of tender process.

Sd/- Dean,
College of Agriculture, Bhawanipatna.
OIPR-01575/11/0003/2526


RAIN, SUN AND FIREPROOF
KONARK IS THE RIGHT ROOF
KONARK
Right at the top
USE
KONARK
AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*

**ପୌର ପରିଷଦ, ଖୋରଧା** C-1584

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଜ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ,**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୃଦ୍ଧିଜିବୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ

01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରିଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ପତିତ ଜମି ଓ ରାସ୍ତା କଡରେ ବୃକ୍ଷ ରୋପଣ କରିବା କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜ୍ଜନା ଜମା କରନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ନିମନ୍ତେ ନିଜ ଗୃହରେ Rain Water Harvesting ଉପାୟ ଅବଲମ୍ବନ କରନ୍ତୁ।

ଆମର ଲକ୍ଷ୍ୟ:-

- ବେକାର ଯୁବକ ଓ ଯୁବତୀଙ୍କ ଥଇଥାନ ପାଇଁ ରାମ ମନ୍ଦିର ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଅଛି ।
- ପଟ୍ଟାମୁଣ୍ଡାଇ ତହସିଲ ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଅଛି ।
- ୱାର୍ଡ ନଂ-04,12,13, ଓ 15 ଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ
ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

### ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମହିଳାଙ୍କ ହାଇଡ୍ରାମା

# ଆଇଆଇସିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ଆତ୍ମହତ୍ୟା ଉଦ୍ୟମ



ପାରଳାଖେମୁଣ୍ଡି,୧।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ନ୍ୟାୟ ନପାଇ ଆତ୍ମହତ୍ୟା ଭଳି ଉଦ୍ୟମ କରିଥିଲେ ମହିଳା ଜଣକ। ଗୁରାଣ୍ଡି ଥାନା ଅଧିକାରୀ ନ୍ୟାୟ ଦେବା ବଦଳେ ଅଶ୍ଳୀଳ ଇଙ୍ଗିତ ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିବା ଅଭିଯୋଗ ଆଣିଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମନାସ ଜେନା (୪୦) ନାମକ ଜଣେ ମହିଳା ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କ ନାମରେ ଦୁର୍ବ୍ୟବହାର ଓ ଅପଶବ୍ଦ ପ୍ରୟୋଗ ଭଳି ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ, ୨୦୨୨ ଓ ୨୦୨୪ରେ ପୃଥକ ଭାବେ ଗ୍ରାମର ପ୍ରଶାନ୍ତ ଧଳ, ହାରା ଧଳ ଓ ଦଗଦୀଶ ଧଳ ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତ ଲେଖାପଢ଼ା କରି ସେମାନେ ଟଙ୍କା ନେଇଥିଲେ। ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର ଅନ୍ୟ କିଛି ଭଦ୍ରବ୍ୟକ୍ତି ସାକ୍ଷ୍ୟ ଭାବେ ଦସ୍ତଖତ ମଧ୍ୟ କରିଥିଲେ। ହେଲେ ଗତବର୍ଷ ପ୍ରଶାନ୍ତ ଧଳଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। କିଛିମାସ ପରେ ପରିବାର ତାଙ୍କଠାରୁ ନେଇଥିବା ଟଙ୍କା ଫେରସ୍ତ କରିବାକୁ ମହିଳା ଜଣକ କହିଥିଲେ। ସେମାନେ ମଧ୍ୟ ଟଙ୍କା ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦେବା ସହ ଥରେ ୧୦ହଜାର ଟଙ୍କା ଫେରାଇଥିଲେ। ଏହାପରେ ସେମାନେ ଆଉ ଧରାଛୁଆଁ ଦେଇନଥିଲେ। ମନାସ ବାରମ୍ବାର ଟଙ୍କା ମାଗିବାରୁ ତାଙ୍କୁ ଗାଳିଗୁଲଜ ସହ ମାରପିଟ କରିଥିଲେ।

ଏନେଇ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ସେ ଦ୍ୱାରସ୍ଥ ହୋଇଥିଲେ ଏବଂ ତତ୍କାଳୀନ ଥାନା ଅଧିକାରୀ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଥାନା ଅଧିକାରୀମାନଙ୍କ ବଦଳି ପରେ ଓମ୍ ନାରାୟଣ ପାତ୍ର ଗୁରାଣ୍ଡି ଥାନାର ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ମନାସ ଥାନାକୁ ଯାଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ଏପରି ଦୁଇ ଚାରିଥର ଗଲାପରେ ଥାନା ଅଧିକାରୀ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ବାରମ୍ବାର ନାନାଦି କଥା କହି ଆସୁଥିଲେ। ଏହା ପରେ ବିଭିନ୍ନ ଅଶ୍ଳୀଳ ଇଙ୍ଗିତ କରିବାକୁ ସେ ଯଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଥିବା ମନାସ କହିଛନ୍ତି। ନ୍ୟାୟ ନ ମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ିର ପଣତକାନି ଗୁଡ଼ାଇ ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ମହିଳାଙ୍କୁ ବୁଝାସୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଘଟଣାକୁ ନେଇ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଘଟଣାର ତଦନ୍ତ କରି ଜିଲ୍ଲାପାଳ ନ୍ୟାୟ ପ୍ରଦାନ କରିବାକୁ ମହିଳା ଜଣକ ଅନୁରୋଧ କରିଛନ୍ତି।

## ବିଶ୍ୱ ଏଡ୍‌ସ ଦିବସ ପାଳିତ



ଫୁଲବାଣୀ,୧।୧୨(ସମିସ): ଫୁଲବାଣୀ ସଦର ମହକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ହୋଇଥିଲା। ଏଥିରେ ଜିଲ୍ଲାର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଏଡ଼ସ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଜିଲ୍ଲା ଟିବି ଓ ମେଲେରିଆ କାର୍ଯ୍ୟକ୍ରମର ଅତିରିକ୍ତ ଜିଲ୍ଲା ଚିକିତ୍ସାଅଧିକାରୀ ଡା. ସୁରେନ୍ଦ୍ର ନାଥ ସିଂ, ଜିଲ୍ଲା ଅତିରିକ୍ତ ପରିବାର କଲ୍ୟାଣ ଅଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.ସଞ୍ଜୟ କୁମାର ଖମାରି ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଏଡ଼ସ ସଂକ୍ରମିତ ବ୍ୟକ୍ତିମାନଙ୍କୁ ପାତରଅନ୍ତର ନକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୦୨ ମସିହାରୁ ଏପର୍ଯ୍ୟନ୍ତ ଜିଲ୍ଲାରେ ୩୩୩ ଜଣ ଏଚଆଇଭିରେ ସଂକ୍ରମିତ ହୋଇଥିବା କୁହାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଏଡ଼ସ ସୁପରଭାଇଜର ଦେବାଶିଷ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି-୨ର ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ବାଲିଗୁଡା ଆଇସିଟି ସିର ପରାମର୍ଶଦାତ୍ରୀ ଗୀତାଞ୍ଜଳି ପଣ୍ଡାଙ୍କୁ ଜିଲ୍ଲାରେ ଏଡ଼ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

## ଏଟିଏମ୍‌ରୁ ଏସି ଚୋରି ବେଳେ ଯବାନ ଗିରଫ

ଫିରିଙ୍ଗିଆ,୧।୧୨(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡା ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମରୁ ଏସି ଚୋରି କରି ନେଉଥିବା ବେଳେ ଏସି ଜବତ କରିବା ସହ ଚୋରକୁ ଗିରଫ କରିଛି ପୁଲିସ। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକ ଗୋଛାପଡା ବଜାର ଅଞ୍ଚଳରେଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ଭିତରେ ପଶି ଲାଗିଥିବା ଏସି ତାଡ଼ି ନେଉଥିବା କିଛି ଲୋକେ ଦେଖି ଗୋଛାପଡା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଏସି ଜବତ କରିବା ସହ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବ୍ୟାଙ୍କ ଶାଖା ପରିଚାଳକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ଯୁବକଙ୍କ ନାମ ଚନ୍ଦ୍ରଶେଖର ନାୟକ ଏବଂ ସେ ସୀମା ସୁରକ୍ଷା ବଳର ଯବାନ ବୋଲି ଜଣାପଡିଛି। ତାଙ୍କ ଘର ସଦର ଥାନା ଅନ୍ତର୍ଗତ ବିଶିପଡା ଗାଁରେ।

## ବିଧାନସଭାରେ ବାଇପାସ୍ ରୋଡ୍ କଥା ଉଠାଇଲେ ବିଧାୟକ

ପାରଳାଖେମୁଣ୍ଡି,୧।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ବାଇପାସ ରୋଡ୍ ନିମନ୍ତେ ବିଧାନସଭାରେ ନିୟମିତ ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରସଙ୍ଗ ଉଠାଇ ଆସିଛନ୍ତି। ଆଜି ମଧ୍ୟ ବିଧାୟକ ଶ୍ରୀ ପାଣିଗ୍ରାହୀ ଶୀତକାଳୀନ ଅଧିବେଶନରେ ବାଇପାସ୍ ରାସ୍ତା ନିର୍ମାଣ ପ୍ରସଙ୍ଗରେ ସ୍ୱର ଉଠାଇଥିଲେ। ପାରଳାଖେମୁଣ୍ଡିବାସୀଙ୍କ ବହୁ ବର୍ଷର ଦାବିକୁ ସରକାର ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏହାର ଉତ୍ତରରେ ସରକାରଙ୍କ ତରଫରୁ କୁହାଯାଇଛି ଯେ ବର୍ତ୍ତମାନ ଜମିଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ୬ ମାସ ମଧ୍ୟରେ ଶେଷ ହେବ ଏବଂ ପରବର୍ତ୍ତୀ ୬ ମାସ ମଧ୍ୟରେ ବାଇପାସ୍ ରାସ୍ତା ନିର୍ମାଣ ଶେଷ ହେବ।

## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

ବ୍ରାହ୍ମଣୀଗାଁ,୧।୧୨(ସିମିସ): ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁର ଷ୍ଟେଟ ବ୍ୟାଙ୍କ ଶାଖାରେ ଗଜପତି ଜିଲ୍ଲା କଟାମା ପଞ୍ଚାୟତ ଅଧୀନ ବାଲିଗଣ୍ଡା ଗ୍ରାମନିବାସୀ ବବିତା ପାଟମାଝୀ ଗତ ମେ୨୫ ତାରିଖରେ ୪୩୬ ଟଙ୍କା ଜମା କରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମାରେ ନାମ ପଞ୍ଜୀକରଣ କରିଥିଲେ। ସେହି ମାସ ୩୦ ତାରିଖରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀ ସଞ୍ଜୟ ଗମିଣାଙ୍ଗ ନୋମିନି ଥିଲେ। ଆଜି ବ୍ରାହ୍ମଣୀଗାଁ ଷ୍ଟେଟ୍ ବ୍ୟାଙ୍କଶାଖା ପକ୍ଷରୁ ସଞ୍ଜୟ ଗମିଣାଙ୍ଗଙ୍କୁ ୨ଲକ୍ଷ ଟଙ୍କାର ଚେକ ଶାଖା ପରିଚାଳକ ଅନନ୍ତ ରାଉତ ପ୍ରଦାନ କରିଛନ୍ତି। ଏହି ବୀମା ରାଶି ପାଇ ସଞ୍ଜୟ ଗମିଣାଙ୍ଗ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୭୦ ୟୁନିଟ ରକ୍ତ ସଂଗୃହୀତ



ଜି.ଉଦୟଗିରି,୧।୧୨(ସମିସ): ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୧ ଦିନ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ନିତ୍ୟ ସୁନ୍ଦର ଦାସ ତଥା ସଂଜୀବନୀ ପାଥଲୋଜି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଟାଉନ୍ ହଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ ରକ୍ତଭଣ୍ଡାର କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନ ସହ ଡାକ୍ତରୀ ଦଳ ଡା. ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ ଏଲଟି ଶ୍ରୀକାନ୍ତ ସାହୁ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ ଓ ଅନ୍ୟମାନେ ରକ୍ତ ସଂଗ୍ରହ କରିଥିଲେ। ୭୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗଶୁଣାଣି



ପାରଳାଖେମଣ୍ଡି,୧।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନିଲ କାନ୍ତ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କରାଣ୍ଡି, କତଳକଇଠା, ବାଘଶାଳା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୯୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୨ ଓ ଗ୍ରାମଭିତ୍ତିକ ସମସ୍ୟା ୧୨ ରହିଥିଲା। ୬ ଅଭିଯୋଗର ତୁରନ୍ତ ସମାଧାନ କରଯାଇଥିଲା। ଜଣକୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ହୋନାଗା ନିର୍ଦ୍ଦେଶ ଦେଇଛନ୍ତି। ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ମୁବରକ୍ ଅଲ୍ଲୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମିରାକଲ୍ ଷ୍ଟାର୍ ନାଇଟ ଆୟୋଜିତ



ପାରଳାଖେମୁଣ୍ଡି,୧।୧୨(ସମିସ): ପାରଳାଖେମୁଣ୍ଡିର ଆଧୁନିକ ନୃତ୍ୟାନୁଷ୍ଠାନ ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ପଡିଆରେ ମିରାକଲ ନାଇଟ ସପ୍ତମ ସଂସ୍କରଣ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସଲେମାନ ରାଇକା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ମଞ୍ଚ ଅଭିନେତା ଆଦର୍ଶ ଦାସ ଓ ଆୟୋଜକ ଅନୁଷ୍ଠାନ ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ସିନେମା ଜଗତର ଅଭିନେତା ରାକେଶ ଦେଓ ଓ ସିନେ ପ୍ରଯୋଜକ ପାର୍ଥସାରଥି ଜେନା ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବିଭାଗ, ଯୁବ ବିଭାଗ, ବରିଷ୍ଠ ବିଭାଗରେ ଏକକ ଓ ଦଳଗତ ଭାବେ ବିଭିନ୍ନ ଜିଲ୍ଲାର ପ୍ରାୟ ୧୩୮ ଜଣ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତିତ୍ୱ ହାସଲ କରିଥିବା କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନାଟକ ପାଇଁ ମନୋଜ କୁମାର ପାଢ଼ୀ, ସମାଜସେବା ନିଳକମଳ ଗନ୍ତାୟତ, ଶିକ୍ଷାକ୍ଷେତ୍ରରେ ସ୍ୱାଗତିକା ମିଶ୍ର, ଶିଶୁ କଳାକାର ଭାବରେ ପ୍ରୀୟଂଶୀ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅବିର ଭୂଷଣ ପଣ୍ଡା ଓ ବିଷ୍ଣୁପ୍ରିୟା ଜେନା ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଜୁନିୟର ରେଡକ୍ରସ ତାଲିମ୍ ଶିବିର




ପାରଳାଖେମୁଣ୍ଡି,୧।୧୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଓ ଜିଲ୍ଲା ଜୁନିଅର ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ଓ ଜିଲ୍ଲା ଶାରିରିକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଆରବି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ନେତୃତ୍ୱରେ ଗୋଷାଣି ବ୍ଲକର ବିଭିନ୍ନ ବିଦ୍ୟାଳୟର ପରାମର୍ଶଦାତାଙ୍କୁ ନେଇ ଆଜି ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ଶିବିରରେ ସମୁଦାୟ ୨୧ ଜଣ ପରାମର୍ଶଦାତା ଯୋଗ ଦେଇଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ସଂଜୀବ କୁମାର ଦାସ, ଜିଲ୍ଲା ଜୁନିଅର ରେଡକ୍ରସର ସହ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ଜୁନିଅର ରେଡକ୍ରସର ସମ୍ବଳ ସାଧନ କର୍ମୀ ନିତେଶ ଲେଙ୍କା ଓ ଗୋଷାଣି ବ୍ଲକର ସଂଯୋଜକ ଗୋପୀନାଥ ଗୌଡ଼ ଯୋଗଦାନ କରି ପରାର୍ଶଦାତାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ।

## ଆଦିବାସୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ବାଲିଗୁଡା,୧।୧୨(ସମିସ): ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମଣ ପାଳ, ଯୁବ ରେଡକ୍ରସ୍ ଦାୟିତ୍ୱରେ ଥିବା ବିଭୂତି ଭୂଷଣ ଆଚାର୍ଯ୍ୟ କାର୍ଯକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ଡା. ଦିପୁନ କୁମାର ମଲ୍ଲିକ ଓ ଆଇସିଟିସି କାଉନସିଲର ଗୀତାଞ୍ଜଳି ପଣ୍ଡା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଏଡସ ସମ୍ପର୍କରେ ସଚେତନ କରାଯାଇଥିଲା। କାଉନ୍‌ସିଲର ଗୀତାଞ୍ଜଳି ପଣ୍ଡା ଏଡ୍‌ସର ଚିକିତ୍ସା ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ କହିଥିଲେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ରାୟଗଡ,୧।୧୨(ସମିସ): ରାୟଗଡ ବ୍ଲକ ସଦର ମହକୁମା ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ସକାଳେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାରଙ୍କ ସଭାପତିତ୍ୱରେ ହୋଇଥିବା ସମାରୋହରେ ମୁଖ୍ୟଅତିଥି ଭାବେ ରାୟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ ଯୋଗ ଦେଇଥିଲେ। ପ୍ରଥମ ଦିନରେ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି କ୍ରୀଡ଼ା ୩ ଦିନ ଧରି ଚାଲିବ। କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରିଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ଶୀତ ମହୋତ୍ସବ ପାଇଁ ଗଠିତ ହେଲା କମିଟି



ଜି.ଉଦୟଗିରି,୧।୧୨(ସମିସ): ଜି.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆବାହକ ମହମ୍ମଦ ଜିଆଉଦିନଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ବ୍ୟବସାୟ ସଙ୍ଘ କାର୍ଯ୍ୟାଳୟ ଆୟୋଜିତ ବୈଠକରେ ଶୀତ ମହୋତ୍ସବ ସମ୍ପର୍କରେ ଆଲୋଚନା ହେବା ସହିତ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ, କାର୍ଯ୍ୟକାରୀ ସଭାପତି ମହମ୍ମଦ ଜିଆଉଦିନ, ଉପ ସଭାପତି ସନ୍ତୋଷ କୁମାର ବାଘ, ମାନଗୋବିନ୍ଦ ପ୍ରଧାନ ଓ ମଧୁଲିନା ଦିଗାଳ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଅରୁଣ କୁମାର ଷଡ଼ଙ୍ଗୀ, ସମ୍ପାଦକ ଆମନ ଚନ୍ଦ୍ର ନାୟକ, ଜ୍ଞାନ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ସଞ୍ଜୟ କୁମାର ସୁବୁଦ୍ଧି ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ସମୀର କୁମାର ପାଢ଼ୀ, ଦିଲୀପ କୁମାର ବଳ, ମାୟାବନ୍ଧୁ ପ୍ରଧାନ, ସଚିନ ପ୍ରଧାନ, ଅବୋଲାକର ପ୍ରଧାନ ଅଛନ୍ତି। କମିଟି ନିକଟରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ପରେ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଉଛି।

## ମହେନ୍ଦ୍ରଗିରିରେ ଖୋଲିଲା ଇକୋ ରିସର୍ଟ



ରାୟଗଡ,୧।୧୨(ସମିସ): ଦୀର୍ଘ ଦିନର ପ୍ରୟାସ ପରେ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି ଇକୋ ରିସୋର୍ଟ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେଥିରୁ ତ୍ରାହି ମିଳିବ। ସକାଳର ପ୍ରଥମ ସୂର୍ଯ୍ୟୋଦୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ରାତିରେ ରହିବାକୁ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ସନ୍ଧ୍ୟା ପୂର୍ବରୁ ଫେରିବାକୁ ବାଧ ହେଉଥିଲେ। ଏଠାରେ ରାତ୍ରୀ ରହଣିର ସୁବିଧା ପାଇଁ ବହୁଦିନ ହେଲା ଲୋକେ ଦାବି କରିଆସୁଥିଲେ। ବର୍ତ୍ତମାନ ଏହା ସଫଳ ହୋଇଛି। ଏଠାରେ ବନ ବିଭାଗ ପକ୍ଷରୁ ଇକୋ ରିସୋର୍ଟ ଆରମ୍ଭ ହୋଇଥିବା ବେଳେ ଗତ କିଛିଦିନ ତଳେ ଏହାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଉଦଘାଟନ କରିଥିଲେ। ଏଠାରେ ୧୦ କଟେଜ ରହିଛି।

### ବାହାଘର ଶୋଭାଯାତ୍ରାରେ ଅଶୋଭନୀୟ ଘଟଣା

# ଦୁଇ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଭର୍ତ୍ସନା

ପାରଳାଖେମୁଣ୍ଡି,୧।୧୨(ସମିସ): ବାହାଘର ଶୋଭାଯାତ୍ରାରେ ଅଶୋଭନୀୟ ଘଟଣାରେ ବିବାରପତି ଦୁଇ ଅଭିଯୁକ୍ତଙ୍କୁ ଭର୍ତ୍ସନା କରିଛନ୍ତି। ଚଳିତବର୍ଷ ଫେବୃଆରୀରେ ଏହି ଘଟଣା ଘଟିଥିଲା ଆର୍.ଉଦୟଗିରି ଥାନା ଅଞ୍ଚଳରେ। ଗଜପତି ଜିଲ୍ଲା ଆର. ଉଦୟଗିରିର ସିନିୟର ସିଭିଲ ଜଜ ତଥା ଜେଏମ୍‌ଏଫସି ସୌଦାମିନୀ ବିଶ୍ୱାଳ ରଣାଲଇ ଖ୍ରୀଷ୍ଟିଆନ ସାହିର ଦୁଇ ଭାଇ ସିଗଲ ମାଳି (୨୧) ଓ ଦିଗଲ ମାଳି (୨୦) ଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୩ ଅନୁଯାୟୀ ଭର୍ତ୍ସନା କରି ଅଭିଯୁକ୍ତଦ୍ୱୟଙ୍କ ଭବିଷ୍ୟତକୁ ନଜରରେ ରଖି ଏ ଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ହରିକୃଷ୍ଣ ପ୍ରଧାନ ମାମଲାର ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃଆରୀ ୨୮ ରାତିରେ ଏକ ବାହାଘର ଶୋଭାଯାତ୍ରା ଯାଉଥିବାବେଳେ ରଣାଲଇ ଖ୍ରୀଷ୍ଟିଆନ ସାହିର ଏତଲାକାରୀ ସୁଧିରାଜ ପାଣି (୫୦) ଙ୍କ ସାନ ପୁଅର ଗୋଡ଼ ଅଭିଯୁକ୍ତ ସିଗଲ ମାଳି ଦେହରେ ବାଜିଯାଇଥିଲା। ଯାହାକୁ ନେଇ ଅଭିଯୁକ୍ତଜଣକ ରାଗିଯାଇ ଆକ୍ରମଣ କରିବାବେଳେ ଏତଲାକାରୀଙ୍କ ମଝିଆ ପୁଅ ଶୁଭକାନ୍ତ ପାଣି ମାମଲାର ସମାଧାନ କରିବା ସହ ଶାନ୍ତିରକ୍ଷା କରିବାକୁ ଅନୁରୋଧ କରିଥିଲେ। ସେହିଦିନ ରାତି ୧୧ଟାରେ ଶୁଭକାନ୍ତ ନିଜ ଘରକୁ ଫେରୁଥିବାବେଳେ ଚର୍ଚ୍ଚ ନିକଟରେ ଦୁଇ ଅଭିଯୁକ୍ତ ତାଙ୍କୁ ଗାଳି ଦେବା ସହ ମାଡ଼ମାରି ଅଚେତ କରିଦେଇଥିଲେ। କିଛି ଯୁବକ ଶୁଭକାନ୍ତଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ପ୍ରଥମେ ଚନ୍ଦ୍ରଗିରି ଚିକିତ୍ସାଳୟ ଓ ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣାକୁ ନେଇ ଆର. ଉଦୟଗିରି ଥାନାରେ ଏକ ମାମଲା ମାର୍ଚ୍ଚ ୨ ତାରିଖରେ ରୁଜୁ ହୋଇଥିଲା। ଆଜି ୧୨ଜଣ ସାକ୍ଷୀଙ୍କ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଦ୍ୱୟଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରି ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ଚେତାବନୀ ଦେଇଛନ୍ତି।

■ ଆୟୁଷ ଡାକ୍ତରଙ୍କ ୧୦ ଦଫା ଦାବିପତ୍ର ପ୍ରଦାନ

# ଦାବି ପୂରଣ ନ ହେଲେ ୩ରୁ କାର୍ଯ୍ୟବନ୍ଦ



ଧରାକୋଟ,୧।୧୨(ସମିସ): ସରକାରୀ ମେଡିକାଲ ମାନଙ୍କରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କ ୧୦ ଦଫା ଦାବି ଯଦି ସରକାର ପୂରଣ ନକରନ୍ତି ଆସନ୍ତା ୩ରୁ କାର୍ଯ୍ୟବନ୍ଦ କରିବେ ବୋଲି ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି। ଆୟୁଷ ଡାକ୍ତରମାନେ ନିଜ ଜୀବନକୁ ବାଜି ଲଗାଇ ସେବା କରୁଥିଲେ ବି ସରକାର ନାଯ୍ୟ ଦାବି ପୂରଣ ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଯଦି ୨ ଡିସେମ୍ବର ସୁଦ୍ଧା ଦାବି ପୂରଣ ନହୁଏ ତେବେ ୩ ତାରିଖରୁ ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଆୟୁଷ ଡାକ୍ତରମାନେ ଏକ ସ୍ମାରକ ପତ୍ର ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍ ଭି କେ ଅଶୋକଙ୍କୁ ସିଡିଏମଓଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଡାକ୍ତର ଶଙ୍କର ନାରାୟଣ ବେହେରା, ଡାକ୍ତର ସୁଲୋଚନା ବିଷୋୟୀ, ଡାକ୍ତର ସଂଘମିତ୍ରା ଜେନା, ଡାକ୍ତର ସୁକାନ୍ତ କିଶୋର ପାତ୍ର, ଡାକ୍ତର ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ଚିକିଟି,୧।୧୨(ସମିସ): ଗତ ୨୪ରୁ ୨୮ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ଉତ୍ସବ ରବିବାର ଚିକିଟି ସମ୍ମିଳନୀ କକ୍ଷରେ ଶେଷ ହୋଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଯୋଗଦେଇ ଉତ୍ସବର ଗୌରବ ବଢ଼ାଇଥିଲେ। ସମ୍ମାନୀତ ଅତିଥି ଭାବେ ଚିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ, ଚିକିଟି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ଓ ଏବିଡିଓ ଚକ୍ରଧର ପ୍ରଧାନ ଉପସ୍ଥିତ ଥିଲେ। ଅତିଥିମାନଙ୍କ ବକ୍ତବ୍ୟ ପରେ ବ୍ଲକ ପ୍ରଶାସନ ତରଫରୁ କ୍ରୀଡ଼ା ଶିକ୍ଷକ ମାନେକୁର ଗୌଡ଼, ଜଗନ୍ନାଥ ପ୍ରସାଦ, ଜାଗିଲି ପ୍ରଧାନ, ସୁଧାକର, ଘନଶ୍ୟାମ ସେଠୀ, କେ. ଜ୍ୟୋତି, ମାଷ୍ଟେର ପଣ୍ଡା, ବିଶ୍ୱନାଥ ରାଓ, ଅଭିମନ୍ୟୁ ଗୌଡ଼ ଆଦିଙ୍କୁ ଉପହାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ବାହନପତି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ୍ତ ପଟ୍ଟନାୟକ ସୁଚାରୁ ରୂପେ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଜୟଦେବ ଚୌଧୁରୀଙ୍କ ବିଶେଷ ଭୂମିକା ରହିଥିଲା।

## ଗୀତା ଜୟନ୍ତୀ ପାଳନ ସହ ପୁସ୍ତକ ଉନ୍ମୋଚନ

ଆସିକା,୧।୧୨(ସମିସ) ଆସିକା ପ୍ରଣବ ଏଜୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ମମ୍ ସ୍କୁଲରେ ଗୀତା ଜୟନ୍ତୀ ପାଳନ ସହ ମନ୍ଥନ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଣବ କୁମାର ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ସାଇ ସୁନ୍ଦର ଧାମର ପରିଚାଳକ ପବିତ୍ର ମୋହନ ପାଣିଗ୍ରାହୀ, ତାରାତାରିଣି ମନ୍ଦିର ଉନ୍ନୟନ ଟ୍ରଷ୍ଟର ସଂପାଦକ ପ୍ରମୋଦ କୁମାର ପଣ୍ଡା ଏବଂ ତାରାତାରିଣି ମନ୍ଦିରର ପୂଜକ ବାପୁଜୀ ରଣା ଅତିଥିରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ସଂପାଦକ ରବିନ୍ଦ୍ର ନାଥ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ଅବିଭାବକ ମାନେ ଉପସ୍ଥିତ ଥିଲେ। ପ୍ରଣବ କୁମାର ରଥଙ୍କ ଦ୍ୱାରା ଉଦ୍ଧୃତ "ମନ୍ଥନ" ଏକ ଭଗବତ ଗୀତା ଯାହା ଛାତ୍ରଙ୍କ ପାଇଁ ନିତ୍ୟାନ୍ତ ଉପାଦେୟ ପୁସ୍ତକ ଉନମୋଚନ ହୋଇଅଛି।

## ଫାଇଲେରିଆ ନିରାକରଣ ପାଇଁ ରାତ୍ରକାଳୀନ ନମୁନା ସଂଗ୍ରହ



ଜି ଉଦୟଗିରି, ୧।୧୨(ସମିସ): ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ସରକାରଙ୍କ ଦ୍ୱାରା ଜି. ଉଦୟଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଯଥା ରାଇକଲା, ଲିଙ୍ଗାଗଡ, ବୁଡ଼େଡ଼ିପଡ଼ା ଓ ଜି.ଉଦୟଗିରି ପରିଷଦର ପଦାସାହି, ହତୀଲି, ବୁଲୁଗୁଗା ଅଞ୍ଚଳରେ ରାତ୍ରକାଳୀନ ରକ୍ତ କାଚ ନମୂନା ସଂଗ୍ରହ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର. ରତିକାନ୍ତ ସାହୁଙ୍କ ନେତୃତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମନୋରଞ୍ଜନ ମହାପାତ୍ର (ଭିବିଡିଟିଏସ୍), ଶୁଭାକାନ୍ତ ପଣ୍ଡା (ଏଲ୍‌ଟି), ପିଙ୍କି ପ୍ରଧାନ (ଏଲ୍‌ଟି), ଅଙ୍କିତା ପଟ୍ଟନାୟକ ଏଏନ୍ଏମ୍, ସ୍ମୃତିରେଖା ନାୟକ (ଏଏନ୍ଏମ୍), ନେତ୍ର ମଲ୍ଲିକ (ସୁପରଭାଇଜର) ଏବଂ ଆଶା ଦିଦି, ଅଙ୍ଗନବାଡି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନୀରବଦ୍ରଷ୍ଟା ବ୍ଲକ ପ୍ରଶାସନ

# ଚିଲ୍‌ଡ୍ରେନ୍ ପାର୍କକୁ ନଷ୍ଟ କରିଦେଲେଣି ଦୁର୍ବୃତ୍ତ

ରାଇକିଆ,୧।୧୨(ସମିସ)

ରାଇକିଆ ତହସିଲ ଅଫିସ ନିକଟରେ ଥିବା ଚିଲ୍‌ଡ୍ରେନ୍ ପାର୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଏହି ପାର୍କରେ ବର୍ଷତମାମ ତାଲା ଝୁଲୁଛି। ଫଳରେ ଧିରେ ଧିରେ ନଷ୍ଟ ହେବାକୁ ବସିଲାଣି। ୨୦୨୩ରେ ଏହି ପାର୍କକୁ ଉଦଘାଟନ କରାଯାଇଥିଲା। ଏହାର ପରିଚାଳନା ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଟେକି ଦେଇ ବ୍ଲକ ପ୍ରଶାସନ ନୀରବ ହୋଇ ବସିପଡ଼ିଥିଲା। ରକ୍ଷଣାବେକ୍ଷଣ, ନିରୀକ୍ଷଣ କରା ନଯିବା ଫଳରେ ଦାମୀ ସରଞ୍ଜାମ ସବୁ ଖତ ଖାଉଛି। ପାର୍କ ଚାରିପଟ ଲଟାବୁଦାରେ ପରିପୂର୍ଣ୍ଣ ହୋଇଗଲାଣି। କିଛିଦିନ ପାର୍କକୁ ନିୟମିତ ଖୋଲାଯିବା ପରେ ଧିରେ ଧିରେ ବନ୍ଦ ହେବାକୁ ଲାଗିଲା। ନିୟମିତ ଖୋଲା ନ ଯିବା ଏବଂ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ଏହା ଏବେ ନଷ୍ଟ ହେବାକୁ ବସିଲାଣି। ତାଲା ପଡ଼ି ରହୁଥିବା ଯୋଗୁ ଏହା ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଦୁର୍ବୃତ୍ତ ପାଚେରି ଗ୍ରିଲ୍‌କୁ ଭାଙ୍ଗି ରୁଜି ଦେଲେଣି। ପାଚେରି ଡେଇଁ ଏହା ପରିସରରେ ପଶି ବିଭିନ୍ନ ପ୍ରକାର ନିଶା ସେବନ କରୁଛନ୍ତି ଯୁବ ଗୋଷ୍ଠୀ। ଅନ୍ୟପକ୍ଷରେ ତତ୍କାଳୀନ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ଉଦ୍ୟମ କ୍ରମେ ପାର୍କ ଶିଶୁଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ସରଞ୍ଜାମ ଏବଂ ଓପନ ଜିମ ସରଞ୍ଜାମ ମଧ୍ୟ ଲଗା ଯାଇଥିଲା। କିଛି ଦିନ ପ୍ରାତଃ ଭ୍ରମଣ କରୁଥିବା ଲୋକେ ବ୍ୟାୟାମର ସୁବିଧା ପାଉଥିଲେ। ତାହା ମଧ୍ୟ ନଷ୍ଟ ହୋଇ ଗଲାଣି। ଏନେଇ ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇନାହିଁ। ରାଇକିଆ ସହର ମଧ୍ୟରେ ରେ ଥିବା ଏହି ପାର୍କକୁ ଅଣଦେଖା କରାଯାଉଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।



## ଲକ୍ଷ୍ମୀପୂଜା ଅବସରରେ ଭଜନ ସମାରୋହ

କବିସୂର୍ଯ୍ୟନଗର,୧।୧୨(ସମିସ): କବିସୂର୍ଯ୍ୟନଗରର ତନ୍ତୀ ସାହି ପକ୍ଷରୁ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ସାହିର ପ୍ରଶାନ୍ତ ବିଶ୍ୱାଳ, ପପୁନ ନାୟକ, କାଳିଆ ଗୌଡ଼, ଗୌତମ ଡାକୁଆ, ମିଟୁ ନାୟକ, ସୁଜିତ ଡାକୁଆ, କୈଳାସ ଚଣ୍ଡ, ଶିବଶଙ୍କର ଗୌଡ଼, କାହ୍ନୁ ଗୌଡ଼, ବବୁଲ ସିଓ ଓ ଦେବାଶିଷ ବେହେରା ସମେତ ସାହିର ଯୁବକଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ଅବସରରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଉନସିଲର ପ୍ରତିନିଧି ସୂର୍ଯ୍ୟନାରାୟଣ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଲାୟନ୍ସ କ୍ଲବ ସଭାପତି ତଥା ଶ୍ରୀଗୁଣ୍ଡିଚା ଭଜନ ମଞ୍ଚ ପ୍ରତିଷ୍ଠାତା କୃପାସିନ୍ଧୁ ସ୍ୱାଇଁଙ୍କ ସଂଯୋଜନାରେ କି ବୋର୍ଡରେ ସୁବାସ ବିଶ୍ୱାଳ, ତବଲାରେ ଲକ୍ଷ୍ମୀନାରାୟଣ ପାତ୍ର ଓ କଣ୍ଠଦାନ କରିଥିଲେ ସନାତନ ଗୌଡ଼, ଶିଶୁଗୋପାଳ ସାହୁ, ଓମପ୍ରକାଶ ଗୌଡ଼, ମୁକେଶ ସାହୁ, ବିଜୟ ବେହେରା। ସମାଜସେବୀ ଏ. ବ୍ରହ୍ମାନନ୍ଦ ଅଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ପରିବାରକୁ ସହାୟତା



ପାତ୍ରପୁର,୧।୧୨(ସମିସ): ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ ଅନ୍ତର୍ଗତ ସୁନାଖଳା ଗ୍ରାମର କୁମାର ପ୍ରଧାନ ଦୁଇ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସେ ତାଙ୍କ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ଥିଲେ। ଏବେ ତାଙ୍କ ମା'ଚନ୍ଦ୍ରମା ପ୍ରଧାନ (୬୫) ମୃତ୍ୟୁବରଣ କରିଛନ୍ତି। ଫଳରେ ପରିବାରଟି ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛି। ଖବର ପାଇ ଚିକିଟି ଅଞ୍ଚଳର ଗୋପବନ୍ଧୁ ସେବା ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ସଂସ୍ଥାର କର୍ମକର୍ତ୍ତା ଅସହାୟ ପରିବାର ନିକଟରେ ପହଞ୍ଚି ତାଙ୍କ ବୋହୂ, ଦୁଇ କୁନି ଝିଅଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସମିତି ସଦସ୍ୟ କିଶୋର ମହାରଣା, ସନ୍ତୋଷ ରେଡ୍ଡୀ, ସମ୍ପାଦକ ପ୍ରସାଦ ମଲ୍ଲିକ, ଉପସଭାପତି ଗୋପୀନାଥ ବେହେରା, ଅରୁଣ ପ୍ରଧାନ, ଭୁଭୁନି କନ୍ୟାରୀ, ଗୌତମ ରଣା, ହେମନ୍ତ ସାହୁ, ଯୋଗେନ୍ଦ୍ର ସାହୁ, ମନୋଜ ମହାରଣା, ତ୍ରିପତି ପାତ୍ର, ଯତୀନ ସାହୁ, କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖଳିଙ୍ଗି ହାଇସ୍କୁଲରେ ସ୍କାଉଟ୍ ୟୁନିଟ୍ ଆରମ୍ଭ



ସାନଖେମୁଣ୍ଡି,୧।୧୨(ସମିସ): ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ଖଳିଙ୍ଗି ଉଚ୍ଚ ବିଦ୍ୟାଳୟରେ ପ୍ରଥମଥର ପାଇଁ ଭାରତ ସ୍କାଉଟ୍ ଓ ଗାଇଡ୍ ୟୁନିଟ୍ ଖୋଲାଯାଇ ଇନଭେଷ୍ଟିଚର (ବିନିଯୋଗ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ ଓ ଗାଇଡ୍ ଗଞ୍ଜାମ ଜିଲ୍ଲାର ଜିଲ୍ଲା ପ୍ରଶିକ୍ଷଣ ଆୟୋଗ ସଦସ୍ୟା ତଥା ଡିଏଭି ପବ୍ଲିକ ସ୍କୁଲର ଗାଇଡ୍ କ୍ୟାପ୍ଟେନ୍ ସ୍ୱପ୍ନାରାଣୀ ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲା ତାଲିମ ଆୟୋଗ ସଦସ୍ୟ ତଥା ଡି. ପି. ଏସ. ଏସ. ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ରାଜେଶ କୁମାର ପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଖଳିଙ୍ଗି ପଞ୍ଚାୟତର ସରପଞ୍ଚ ଅର୍ଣ୍ଣବ ନାୟକ। ପାଟପୁର ବାଳକ ଉଚ୍ଚ ବିଦ୍ୟାଳୟର ନର୍ମଦା ନାହାକ ଆସିଷ୍ଟାଣ୍ଟ ଗାଇଡ କ୍ୟାପଟେନ ଭାବେ ଯୋଗଦେଇ ସହାୟତା କରିଥିଲେ। ଖଳିଙ୍ଗି ଉଚ୍ଚ ବିଦ୍ୟାଳୟର ଗାଇଡ୍ କ୍ୟାପ୍ଟେନ୍ ସୁନିତା ନାୟକଙ୍କ ଅଧୀନରେ ୧୨ ଜଣ ଛାତ୍ରୀ ଶପଥ ପାଠ ସହ ବ୍ୟାଜ୍ ଓ ସ୍କାର୍ପ ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତ ସ୍କାଉଟ୍ ଓ ଗାଇଡ୍‌ର ମହତ୍ୱ, ଶିଷ୍ଟାଚାର ଓ ସେବାଭାବ ସମ୍ବନ୍ଧୀୟ ମୂଲ୍ୟବାନ ବ୍ୟାଖ୍ୟାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ରଇତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ, ଗାଇଡ୍ ଛାତ୍ରୀଙ୍କ ପିତାମାତା ଉପସ୍ଥିତ ଥିଲେ

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



କୁକୁଡ଼ାଖଣ୍ଡି,୧।୧୨(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଳଖୋଲି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ସରପଞ୍ଚ ଚିତ୍ତ ରଞ୍ଜନ ବିଶୋୟୀଙ୍କ ସହଯୋଗରେ କ୍ରମେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଡିଓ ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗରେ ୮୩ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ସାତପାଣ୍ଡିଆ ପ୍ରାଥମିକ ବିଦ୍ୟାଳୟର ପାଚେରୀ ନିର୍ମାଣ ସହ ଯାତାୟତ ନିମନ୍ତେ ପକ୍କା ରାସ୍ତା, କିଛି ସାହିର ରାସ୍ତା ନିର୍ମାଣ ନିମନ୍ତେ ଅଭିଯୋଗ ହୋଇଥିଲା। ବହୁ ମାତ୍ରାରେ ଭତ୍ତା, ରାସନ୍ କାର୍ଡ, ପଟ୍ଟା, ଆଦି ଉପରେ ଅଭିଯୋଗ ହୋଇଛି ତାହା କାର୍ଯକାରି ନିମନ୍ତେ ବିଚରାଧିନ ଭାବେ ରଖାଯାଇଛି। ଏଥିରେ ଅଙ୍ଗନବାଡ଼ି ଏମବିକେ, ସିଆରପି ପଶୁ ଚିକିତ୍ସାଳୟ ଡାକ୍ତର ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ

ସୋରଡ଼ା,୧।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ବରାଡ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥି ପରିଚୟ ତଥା ଆଭିମୁଖ୍ୟ ପ୍ରଦାନ କରିଥଲେ। ମାମା ନାୟକ, ବରିଷ୍ଠ ଆଚାର୍ଯ୍ୟ ଦୁଃଖିଶ୍ୟାମ ସାହୁ ମଞ୍ଚାସୀନ ଥିଲେ। ଚତୁର୍ଥ ଠାରୁ ଦଶମ ଶ୍ରେଣୀ ଶିଶୁ ଭାଇ ଓ ଭଉଣୀଙ୍କ ଅଷ୍ଟାଦଶ ଶ୍ଲୋକ ଗୀତା ଗାୟନ ପ୍ରତିଯୋଗିତା କରି ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଗୋପୀନାଥ ମନ୍ଦିରର ପ୍ରାଙ୍ଗଣରେ ମଧ୍ୟ ଉକ୍ତ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆପନା ସ୍ୱାମୀ ପାତ୍ର, ଦୟାନିଧି ବେହେରା, ଅନିଲ କୁମାର ସାହୁ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସପ୍ତମ ଓ ଅଷ୍ଟମ ଶ୍ରେଣୀର ସମସ୍ତ ଶିଶୁ ସାମୂହିକ ଗୀତା ପାଠ କରିଥିଲେ।



## ୧୯୪ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଛତ୍ରପୁର,୧।୧୨(ସମିସ): ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ଯୋଗ ଦେଇ ସେମାନଙ୍କ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉପସ୍ଥିତ ରହି ୧୯୪ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୧୮୩ ଟି ବ୍ୟକ୍ତିଗତ ଏବଂ ୧୧ ସାମୂହିକ ଅଭିଯୋଗ ରହିଛି। କେତେକ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ୧୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୯୫ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ମଧ୍ୟ ଜିଲ୍ଲାପାଳ ଓ ଏସପି ପ୍ରଦାନ କରିଥିଲେ। ଏଣିକି ୱାଟ୍ସଅପ ମାଧ୍ୟମରେ ଘରେ ରହି ଲୋକେ ମାନେ ଅଭିଯୋଗ କରି ପାରିବେ। ତାହା ଆଗାମୀ ଦିନରେ ଜିଲ୍ଲାରେ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା ପରିଷଦର ଭାର ପ୍ରାପ୍ତ ସିଡିଓ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଡିଜିଜ୍ ରିଭର୍ସାଲ ହିଲିଂ ସିଟି ସେଣ୍ଟର ଉଦ୍‌ଘାଟିତ

ଛତ୍ରପୁର,୧।୧୨(ସମିସ): ସ୍ଥାନୀୟ ମା' ରାମାୟଣୀ ଆମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପ ପରିସରରେ ସବିତା ଆରୋଗ୍ୟ କୁଟୀର ଓ ମା' ରାମାୟଣୀ ଆମ୍ମା ପୂଜା କମିଟି ମିଳିତ ଆନୁକୂଲ୍ୟରେ ଦି ଡିଜିଜ ରିଭର୍ସାଲ ହିଲିଂ ସିଟି ସେଣ୍ଟର (ନେଚରପାଥି କ୍ଲିନିକ୍) ଉଦଘାଟନ ହୋଇଛି। ମୁଖ୍ୟଅତିଥି ଭାବେ ଚିଦାନନ୍ଦ ଦିବ୍ୟଧାମ, ଅଗସ୍ତିନୂଆ ଗାଁରେ ଅବସ୍ଥାପିତ ଦି ଡିଜିଜ ରିଭର୍ସାଲ ହିଲିଙ୍ଗ ସେଣ୍ଟର ମୁଖ୍ୟ ତଥା ଭୁବନେଶ୍ୱର ସମ୍ ହସ୍ପିଟାଲର କମ୍ୟୁନିଟି ମେଡ଼ିସିନ ବିଭାଗର ପ୍ରଫେସର ଡ଼ାକ୍ତର ଗୁରୁମୂର୍ତ୍ତି ମହାପାତ୍ର, ସମ୍ମାନିତ ଅତିଥି ଭାବେ ସବିତା ଆରୋଗ୍ୟ କୁଟୀର ଛତ୍ରପୁରର ଡ଼ାକ୍ତର ସୁଧୀର କୁମାର ସାହୁ, ଯୋଗ ଗୁରୁ ଲିପକ, ମା' ରାମଚଣ୍ଡୀ ଶକ୍ତିପୀଠର ସଂଯୋଜକ କମଳ ପଣ୍ଡା, ବ୍ରହ୍ମପୁର ସହରର ବିଶିଷ୍ଟ ସମାଜସେବୀ ଶିବ ଶଙ୍କର ଦାଶ, ମା'ରାମାୟଣୀ ଆମ୍ମା ମନ୍ଦିର କମିଟ ସମ୍ପାଦକ ବି. ଶ୍ରୀନିବାସ, ମା' ରାମଚଣ୍ଡୀ ଶକ୍ତିପୀଠ ପୂଜା କମିଟି ସଭାପତି ଶ୍ରୀ ସି.ଏଚ୍.ଦୟାନନ୍ଦ ରେଡ୍ଡୀ ଏବଂ ମୁଖ୍ୟବକ୍ତା ଭାବେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା ଉପସ୍ଥିତ ରହି ସଭା କାର୍ଯ୍ୟ ସଂପାଦିତ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିଷୀ ତଥା ସବିତା ଆରୋଗ୍ୟ କୁଟିର ମୁଖ୍ୟ ଦୀପକ କୁମାର ଦାଶ ସଂଯୋଜନା କରିଥିଲେ। ବି. ଶ୍ରୀନିବସେ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଶ୍ୱ ଏଡ୍‌ସ ଦିବସ ପାଳିତ



ଛତ୍ରପୁର,୧।୧୨(ସମିସ): ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ଼ା ସ୍ୱାଧୀନ ରଥଙ୍କ ପୌରହିତ୍ୟରେ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବଣ୍ଟନ ସହ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ଟି ପୋଷଣଯୁକ୍ତ ଖାଦ୍ୟ ଟିବି ରୋଗୀଙ୍କୁ ବଣ୍ଟନ କରାଯାଇଥିଲା। ସୂଚନାଥାଉକି, ବିଗତ ଦିନରେ ଏମ.କେ.ସି.ଜି କନଫରେନ୍ସ ହଲରେ ବ୍ରହ୍ମପୁର ସାଂସଦ ଡ଼ା ପ୍ରଦୀପ କୁମାର ପାଣଗ୍ରାହୀଙ୍କ ମୁଖ୍ୟ ଆତିଥି ଏବଂ ଗଞ୍ଜାମ ସି.ଡି.ଏମ.ଓ ଡ଼ା ସୁଶାନ୍ତ କୁମାର ନାୟକ, ଏମ.କେ.ସି.ଜି ଡିନ୍ ଡ଼ା ସୁଚିତ୍ରା ଦାସ, ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବାଲୁଙ୍କେଶ୍ୱର ଷଡଙ୍ଗୀ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼ା ଅବନୀ ପତ୍ର ଏବଂ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା ସ୍ୱାଧୀନ ରଥଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା ଜିଲ୍ଲାସ୍ତରୀୟ ଯକ୍ଷ୍ମା ମୁକ୍ତ ପଞ୍ଚାୟତ କାର୍ଯ୍ୟକ୍ରମ।

# ଖାଲଖମାରେ ଭର୍ତ୍ତି ଜଙ୍ଗଲପାଡୁ-ଶରଧାପୁର ରାସ୍ତା

ପାରଳାଖେମୁଣ୍ଡି,୧।୧୨(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଜଙ୍ଗଲପାଡୁ-କାମଧେନୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ଶରଧାପୁର ଠାରୁ ଜଙ୍ଗଲପାଡୁ ରାସ୍ତା ଖାଲଖାମାରେ ପରିପୂର୍ଣ୍ଣ ହୋଇପଡିଛି। ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି।

ସୂଚନା ଫଳକ ପ୍ରକାରେ ଜଙ୍ଗଲପାଡୁ-କାମଧେନୁ ୪ କିମି ୨୫୦ମିଟର ରାସ୍ତା ନିର୍ମାଣ କାର୍ଯ୍ୟ ୧୩ ଏପ୍ରିଲ୍ ୨୦୧୯ରେ ଆରମ୍ଭ ହୋଇ ୧୨ ମାର୍ଚ୍ଚ ୨୦୨୦ରେ ଶେଷ ହୋଇଥିଲା। ତେବେ ଏହା କେବଳ ସୂଚନା ଫଳକରେ ଉଲ୍ଲେଖ ପାଇଁ ଲେଖା ଯାଇଥିବା ବେଳେ ଅଞ୍ଚଳବାସୀଙ୍କ କହିବା ପ୍ରକାରେ ୨୦୨୧ରେ ଏହା ସମାପନ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି କାର୍ଯ୍ୟଶେଷ ଧାର୍ଯ୍ୟ ତାରିଖକୁ ୫ବର୍ଷ ପୂରଣ ହୋଇଥିଲେ ହେଁ ରକ୍ଷଣାବେକ୍ଷଣ ନିୟମାନୁସାରେ ହୋଇନଥିବାର ଅଭିଯୋଗ ହୋଇଛି। ୫ ବର୍ଷ ରକ୍ଷଣାବେକ୍ଷଣ ଦାୟିତ୍ୱ ଥିଲେ ମଧ୍ୟ ଥରୁଟିଏ କିଛି ଗୋଡିମାଟି ପକାଇ ମରାମତି କରାଯାଇଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ଏହି ଜଙ୍ଗଲପାଡୁ-କାମଧେନୁ ୪ କିମିରୁ ଊର୍ଦ୍ଧ୍ୱ ରାସ୍ତାର ଶରଧାପୁର ଠାରୁ ଜଙ୍ଗଲପାଡୁ ରାସ୍ତା ପ୍ରାୟ ୩ କିମି ୫ ବର୍ଷରେ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲଖମା ହେବା ସହ ପିଚୁ ଓ ମେଟାଲ ଉଠିପଡି କଦର୍ଯ୍ୟ ହୋଇପଡ଼ିଥିବାର ଦେଖିବାକୁ ମିଳୁଛି। ଏହି ରାସ୍ତା ଉପରେ ଗୋଷାଣି ବ୍ଲକର ବାଘଶାଳା, ଅଗରଖଣ୍ଡି ପଞ୍ଚାୟତ, ଖରଷଣ୍ଡା ଆଦି ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମାଞ୍ଚଳବାସିନ୍ଦା ନିର୍ଭର କରୁଛନ୍ତି। ପ୍ରାୟ ୩ କିମି ରାସ୍ତା ଖାଲଖମାରେ ଭରି ରହିଥିବାରୁ ଦୁର୍ଘଟଣା ଘଟୁଥିବା ବେଳେ ଗାଡ଼ିମୋଟର ଭାଙ୍ଗୁଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାର ଅଞ୍ଚଳବାସୀ କହିଛନ୍ତି। ଯଦି ଆଗାମୀ ଦିନରେ ଏହି ରାସ୍ତାର ନିର୍ମାଣ ତୁରନ୍ତ କରାନଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



## ବୁଗୁଡ଼ାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଦାବି

ବୁଗୁଡ଼ା,୧।୧୨(ସମିସ): ଶବ ବ୍ୟବଛେଦ ପାଇଁ ହଟହଟା ହେଉଛନ୍ତି ବୁଗୁଡ଼ା ଅଞ୍ଚଳବାସୀ। ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଗଲେ ହେଉଛି ଶବ ବ୍ୟବଛେଦ। ଦୁର୍ଘଟଣା ହେଉ କି ଆତ୍ମହତ୍ୟା କିମ୍ବା ହତ୍ୟାକାଣ୍ଡରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶୋକାକୁଳ ପରିବେଶରେ ବୁଡ଼ି ରହିଥିବା ବେଳେ ଶବକୁ ବ୍ୟବଚ୍ଛେଦ ପାଇଁ ଦୀର୍ଘ ବାଟ ନେବାକୁ ଅର୍ଥ ଯୋଗାଡ଼ ସହ ସମୟ ବ୍ୟୟ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଉଛି। ପୁଣି ସନ୍ଧ୍ୟା ହେଲେ କଥା ସରିଲା। ତାହା ପରଦିନ ପର୍ଯ୍ୟନ୍ତ ଶବ ପକାଇ ରଖିବାକୁ ପଡୁଥିବାରୁ ପରିବାର ଲୋକେ ଧୈର୍ଯ୍ୟହରା ହୋଇ ପଡୁଛନ୍ତି। ବୁଗୁଡା ଥାନା ଇଲାକାରେ ପ୍ରତିବର୍ଷ ବହୁ ସଂଖ୍ୟକ ହତ୍ୟାକାଣ୍ଡ ଏବଂ ଅପମୃତ୍ୟୁ ଘଟଣା ଘଟୁଥିବା ବେଳେ ମୃତକଙ୍କ ପରିବାର ଲୋକେ ଶବ ବ୍ୟବଚ୍ଛେଦ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ା ସହରରେ ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆଦି ଥିଲେ ହେଁ ଶବ ବ୍ୟବଛେଦ ବ୍ୟବସ୍ଥା ନଥିବାରୁ ବୁଗୁଡ଼ା ସହର ସମେତ ୨୧ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଉପରେ ନିର୍ଭର କରୁଛନ୍ତି। ଶବ ନେବାକୁ ଗାଡି ଗୁଡିକ ଅଧିକ ଭଡ଼ା ଦାବି କରୁଥିବାବେଳେ ଲୋକଙ୍କ ସମୟ ମଧ୍ୟ ନଷ୍ଟ ହେଉଛି। ପୋଲସରା ନିର୍ବାଚନ ମଣ୍ଡଳୀରେ ଶବ ବ୍ୟବଛେଦ ବ୍ୟବସ୍ଥା ନଥିବାରୁ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଲସରା ଓ ବୁଗୁଡ଼ା ଥାନା ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ହଟହଟାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ା ଠାରେ ଶବ ବ୍ୟବଛେଦ ବ୍ୟବସ୍ଥା ପାଇଁ ଅନେକ ବର୍ଷ ହେଲା ବାରମ୍ବାର ଦାବି ହୋଇ ଆସୁଛି। ପ୍ରାୟ ପଚିଶି ବର୍ଷ ତଳେ ବୁଗୁଡ଼ା ଠାରେ ଏକ ଶବ ବ୍ୟବଛେଦ ଗୃହ ନିର୍ମାଣ ପାଇଁ ୩୦ ହଜାର ଟଙ୍କା ଅନୁଦାନ ଆସିଥିଲା ତେବେ ଜାଗା ଚିହ୍ନଟ ହୋଇ ନପାରିବାରୁ ଉକ୍ତ ଟଙ୍କା ଫେରି ଯାଇଥିବା ଜଣାଯାଇଛି।

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡସ୍ ଦିବସ

# 'ସଚେତନ ହୁଅ ଏଡ୍‌ସ ଠାରୁ ଦୂରେଇ ରୁହ'


ଜି.ଉଦୟଗିରି:



କାଶୀନଗର



ପାରଳାଖେମୁଣ୍ଡି

**ଆସିକା,୧।୧୨(ସମିସ):**

ଅସିକା ମେକମାଇକେଲ୍ ସଂସ୍କୃତ ମହିବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳନ ସହ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଛାତ୍ର ତଥା କୃଷ୍ଣଚନ୍ଦ୍ର ଗଜପତି ପାରଳା ସାଧାରଣ ମହାବିଦ୍ୟାଳୟ ବିଭାଗ ମୁଖ୍ୟ ପ୍ରଫେସର ବିଘ୍ନେଶ୍ୱର ମିଶ୍ର ତାଙ୍କର ନୂତନ ଶିକ୍ଷାନୀତି-୨୦୨୦ର ମୂଳଲକ୍ଷ୍ୟ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ଭାରତ ସ୍କାଉଟ୍ ଓ ଗାଇଡ୍ ତଥା ଯୁବ ରେଡ୍‌କ୍ରସ ଶାଖାର ଅଧ୍ୟାପକ ବାବାନାଥ ମିଶ୍ର ଓ ଶିଶିର କୁମାର ମିଶ୍ର, କବିତା କୁମାରୀ ଦାଶ ଓ ଜାତିୟ ସେବା ଯୋଜନା ଅଧିକାରୀ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ କଲେଜ ପରିସରରେ ଏଡସ୍ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ପ୍ରିୟଙ୍କା ପଣ୍ଡା, ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଦେବଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଯୁବ ରେଡକ୍ରସ୍ ର ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସବିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ରୋଟାରି କ୍ଲବ ସଭାପତି ରଞ୍ଜିତ କୁମାର ବାରିକ, ଏନ୍ଏସି କାର୍ଯ୍ୟାଳୟ ମୁଖ୍ୟ କିରାଣୀ ଅଶ୍ୱିନୀ କୁମାର ନାୟକ, ବଣିକ ସଙ୍ଘ ସଭାପତି ସନତ କୁମାର ସୁବୁଦ୍ଧି, ବିପିଏମ ଦୁର୍ଗା ପ୍ରସାଦ ପଟ୍ଟନାୟକ, ପିଏଚଓ ମାନସୀ ଦାଶ, ସମାଜସେବୀ ଭି. ଦେବୀପ୍ରସାଦ ପାତ୍ର, ଅଙ୍ଗନବାଡି ସୁପରଭାଇଜର ବିଜୟଲକ୍ଷ୍ମୀ ଗୌଡ଼, ଆଇଡିସିଟି ଇନଚାର୍ଜ ବିଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଆଶା କର୍ମୀ ସହଯୋଗ କରିଥିଲେ।

**ଶେରଗଡ:** ସ୍ଥାନୀୟ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ ୟୁନିଟ ତରଫରୁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଲାଗି ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଡତ୍ୟା ଙ୍କ ପୌରୋହିତ୍ୟରେ ୟୁନିଟର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିକୁ ଅଧ୍ୟକ୍ଷ ଶ୍ରୀ ବାଡତ୍ୟା ଶୁଭାରମ୍ଭ କରିଥିଲେ। ଏହି ରାଲି ବି. ଶିବାଜୀ ପାତ୍ର ଏବଂ ପବିତ୍ର ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରୁ ବାହାରି ଶେରଗଡ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସହ-ସଂଯୋଜିକା ମନୀଷା ରାଣୀ ସାହୁ, ପଦାର୍ଥ ବିଜ୍ଞାନ ପ୍ରଦର୍ଶକ ସନ୍ତୋଷ କୁମାର ବାଡତ୍ୟା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ଶେରଗଡ ଥାନା ଅଧିକାରୀ ବରେନ୍ଦ୍ର ସିଅଳ ରାଲି ପରିଚାଳନା କରିଥିଲେ।

**ଜି.ଉଦୟଗିରି:** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ବିଶ୍ୱ ଏଡସ୍ ଦିବସ ଭାରପ୍ରାପ୍ତ ଅଧ୍ୟକ୍ଷା ସୁପ୍ରିୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦେବବ୍ରତ ବାରିକ ଯୋଗଦେଇ ଏଡସର କାରଣ ଓ ନିରାକରଣ ଏବଂ ଏହାର ଭୟାବହତା ସଂପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ନଳିନୀ କୁମାର ପାଣିଗ୍ରାହୀ ଏଡସ ସମ୍ପର୍କରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ୍ କୁମାର ମୁଠାମାଝି ଧନ୍ୟବାଦ ଅର୍ପଣ କରିଥିଲେ।

**କାଶୀନଗର:** ଗଜପତି ଜିଲ୍ଲା କାଶୀନଗରସ୍ଥିତ ଶ୍ରୀରାମ ଯୁକ୍ତ ଦୁଇ କଲେଜ ଓ ଶ୍ରୀରାମ ଡିଗ୍ରୀ କଲେଜ ପକ୍ଷରୁ ସୋମବାର ବିଶ୍ୱ ଏଡ଼ସ ଦିବସ ପାଳନ କରାଯାଇଥିଲା। ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ବନପାଲିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ସହ ଏଡ଼ସ ସମ୍ପର୍କିତ ସଚେତନ କରାଯାଇଥିଲା। ଦୁଇ କଲେଜ ପକ୍ଷରୁ ଏନସିସି କ୍ୟାଡେଟ , ଏନଏସଏସ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏଡ଼ସ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ଏଡ଼ସ ବିଷୟରେ ସଚେତନତା କରାଯାଇଥିଲା। ଯୁକ୍ତ ଦୁଇ କଲେଜର ଜାତୀୟ ସେବା ଯୋଜନାର ପୋଗ୍ରମ୍ ଅଫିସର ଏମ. ଅନିଲ ପ୍ରଧାନ ଓ ଯୁବ ରେଡକ୍ରସ୍ ପୋଗ୍ରମ ଅଫିସର ପ୍ରକାଶ ରଞ୍ଜନ କାର୍ଜି, ଡିଗ୍ରୀ କଲେଜ ରେଡକ୍ରସ ପୋଗ୍ରାମ ଅଫିସର ଭେଙ୍କଟ ରାଓ, ଅଧ୍ୟାପକ ମୁନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପାରଳାଖେମୁଣ୍ଡି:** ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିର ସ୍କୁଲ ଅଫ୍ ନର୍ସିଂର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ୟୁନିଟ ତରଫରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍କୁଲ୍ ଅଫ୍ ନର୍ସିଂର ପ୍ରିନ୍ସିପାଲ୍ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଉଦଘାଟନ ହୋଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସିଡିଏମ୍‌ଓ କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହାପରେ ସ୍କୁଲ୍ ଅଫ୍ ନର୍ସିଂରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଏବଂ ଜ୍ଞାନକୁ ପ୍ରଦର୍ଶନ କରି ପୋଷ୍ଟର ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିୟୁଡିଏମ୍ ର ରେଜିଷ୍ଟ୍ରାର ଡ. ଅନିତାଟ ପାତ୍ର ଛାତ୍ରଛାତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରିନ୍ସିପାଲ୍ ଡ. ଏସ୍.ଏନ୍. ସନ୍ଧ୍ୟା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଡ.ନିହାଲ୍ ଆର୍. ଏବଂ ଡ. ରାଜଶ୍ରୀ ଜେନା ପ୍ରତିଯୋଗିତାର ମୂଲ୍ୟାଙ୍କନ କରିବା ସହ ମତାମତ ଦେଇଥିଲେ।

## ଜୀବନ ଜ୍ୟୋତି କଲେଜରେ ଏଡ୍‌ସ ଦିବସ




**ରାଇକିଆ,୧।୧୨(ସମିସ):** କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି କଲେଜ ପରିସରରେ ସୋମବାର ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଛି। ଯୁବ ରେଡକ୍ରସ ସଂଯୋଜକ ତଥା ବରିଷ୍ଠ ଅଧ୍ୟାପକ ବିଶ୍ୱବିହାରୀ ଦଳାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଉମାକାନ୍ତ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଡ. ଚନ୍ଦନା ମିଶ୍ର ଯୋଗ ଦେଇ ଏଡ଼ସ ରୋଗର ସଂକ୍ରମଣ, ବ୍ୟାପିବାର କାରଣ ଓ ତାର ପ୍ରତିକାରର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ନାୟକ କାର୍ଯ୍ୟକ୍ରମଆୟୋଜନ ଏବଂ ବ୍ୟାପକ ସଚେତନତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୁବ ରେଡକ୍ରସ କାଉନସଲର ଅଧ୍ୟାପିକ ସୁଶାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷାରେ ଭିଜିଲା କଟା ଧାନ



**ବୁଗୁଡ଼ା,୧।୧୨(ସମିସ):** ପୂର୍ବରୁ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ମୁତାବକ ବୁଗୁଡ଼ା ଅଞ୍ଚଳରେ ସୋମବାର ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ରବିବାର ଦିନଠାରୁ ପାଗ ମେଘୁଆ ରହିଥିବା ବେଳେ ସୋମବାର ଦିନ ଝିଟିପିଟି ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଦିନ ସାରା ଲଗାଣ ଝିପିଝିପି ବର୍ଷା ଫଳରେ ଅନେକ ଚାଷ ଜମିରେ କଟା ଧାନ ସବୁ ଓଦା ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଚଳିତ ବର୍ଷ ବର୍ଷାର ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ତଥାପି ବାଘୁଆ ଜଳଭଣ୍ଡାରରୁ ଜଳ ଯୋଗାଣ ସାଙ୍ଗକୁ ଆବଶ୍ୟକ ବେଳେ ବର୍ଷା ହୋଇଥିବାରୁ ଚଳିତ ବର୍ଷ ଭଲ ଫସଲ ହୋଇଥିଲା। ଏବେ କେତେକ ଚାଷୀ ଧାନ ଫସଲ କାଟି ଖଳାରେ ଜମାକରି ରଖିଛନ୍ତି ଏବଂ ଅନେକ ଚାଷୀ ଧାନକୁ କାଟି ଜମିରେ ରଖିଥିବା ବେଳେ ଏଇ ଝିପିଝିପି ବର୍ଷା ଯୋଗୁଁ ତାହା ଓଦା ହୋଇଯାଇଛି। ବର୍ଷାର ପ୍ରଭାବରେ ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ହୋଇଥିବା ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଯୋଗୁଁ ଚାଷୀ ଚିନ୍ତାରେ ପଡିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଦିନସାରା ମେଘୁଆ ପାଗ ହେତୁ ସାଧାରଣ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଛି।

## ଗଜପତିରେ ପୁଣି ଚାଷୀଙ୍କୁ ବର୍ଷା ଭୟ

**ପାରଳାଖେମୁଣ୍ଡି,୧।୧୨(ସମିସ):** ଗଜପତିରେ ପୁଣି ଚାଷୀଙ୍କୁ ଘାରିଛି ବର୍ଷା ଭୟ। ଆଜି ଝିପ୍ ଝିପ୍ ବର୍ଷା ସାଙ୍ଗକୁ କହୋଲା ପାଗ ରହିଛି। ଜିଲ୍ଲାରେ ଆଜି ସର୍ବମୋଟ ୨୩.୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ୨.୯୭ ହାରାହାରି ରହିଛି। ସ୍ୱଳ୍ପ ବୃଷ୍ଟି ହେଲେ ମଧ୍ୟ ଚାଷୀକୂଳ ଛାନିଆ ହୋଇଛନ୍ତି। କାହାରି ବିଲରେ ଧାନ ଗଦା ହୋଇ ରହିଥିବା ବେଳେ



ଅନେକ ଚାଷୀଙ୍କ ଧାନ ଗଛ ପାଚିବା ଅବସ୍ଥାରେ ବିଲରେ ହିଁ ରହିଛି। ଧାନ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ସାଜିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଦକ୍ଷିଣ ଓଡିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷାର ସମ୍ଭାବନାକୁ ନେଇ ଚାଷୀଭୟଭୀତ ଅବସ୍ଥାରେ ରହିଥିବା ବେଳେ ଗତକାଲି ବିଳମ୍ବିତ ରାତ୍ର ଠାରୁ ଜିଲ୍ଲାରେ ଝିପି ଝିପି ବର୍ଷା ଯୋଗୁଁ ଭୟଭୀତ ହୋଇପଡ଼ିଚନ୍ତି। ଗତ ଅକ୍ଟୋବର ମାସରେ ଦୁଇଦୁଇ ଥର ଯଥା ଲଗୁଚପ ବର୍ଷା ଓ ବାତ୍ୟାରେ ଜିଲ୍ଲାର ପ୍ରାୟ ୩୦ପ୍ରତିଶତ ଧାନ କ୍ଷେତ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଥିଲା। କ୍ଷୟକ୍ଷତିର ଆକଳନ ହୋଇଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଏବାବଦରେ ଚାଷୀଙ୍କୁ ସହାୟତା ରାଶି ମିଳିନି। ବର୍ଷା ଅଧିକ ହେଲେ ଅବଶିଷ୍ଟ ଧାନ ଅମଳ ନଷ୍ଟହେବ ବୋଲି ଚାଷୀ କହିଛନ୍ତି। ବର୍ତ୍ତମାନ କ୍ଷେତରେ ଧାନପାଚି ଠିଆ ହୋଇଥିବା ସମୟରେ ବର୍ଷାକୁ ଦେଖି ଭୟଭୀତ ହୋଇପଡ଼ିଛି ଚାଷୀ। ଏବେ ତରତରିଆ ଭାବେ ମେସିନ ଲଗାଇ କିମ୍ବା ନିଜେ ନିଜେ ଧାନ କାଟି ଅମଳ ଧାନକୁ ସୁରକ୍ଷିତରେ ରଖିବାପାଇଁ ବ୍ୟସ୍ତ ଓ ବ୍ୟାକୁଳ ହୋଇଥିବା ଜିଲ୍ଲାରେ ଅନେକ ସ୍ଥାନରେ ଦେଖିବାକୁ ମିଳୁଛି।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି

**ଦିଗପହଣ୍ଡି,୧।୧୨(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଶୁଣାଣିରେ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ସରପଞ୍ଚ ଗାୟତ୍ରୀ ବ୍ରହ୍ମା, ଅତିରିକ୍ତ ବିଡିଓ ଉମେଶ କୁମାର ସେଠୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରୋଜାଲିନ୍ ଦଳାଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଘୋଡାହାଡ ଜଳସେଚନ ସହକାରୀ ଯନ୍ତ୍ରୀ ଇଂ. ଦେବରାଜ ଗୌଡ଼, କୃଷି ଅଧିକାରୀ କଲ୍ୟାଣୀ ରାଉତ, ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅନନ୍ତ ନାରାୟଣ ସିଂହଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ

**ଧରାକୋଟ,୧।୧୨(ସମିସ):** ଧରାକୋଟ ଗଡର ରାଜା ତଥା ପୂର୍ବତନ ମନ୍ତ୍ରୀ, ସାଂସଦ ସ୍ୱର୍ଗତ ଅନନ୍ତ ନାରାୟଣ ସିଂହ ଦେଓଙ୍କର ୨୨ ତମ ଶ୍ରାଦ୍ଧ ବାର୍ଷିକୀ ଧରାକୋଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପାଳନ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରି ଅନିଲ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ସାହୁ, ସମବାୟବିତ ପ୍ରକାଶ ଚନ୍ଦ୍ର ସାହୁ, ଶିଶୁ ମନ୍ଦିର ସମ୍ପାଦକ ରାଜେନ୍ଦ୍ର ବେହେରା, ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ, ହୃଦାନନ୍ଦ ଜେନା, ସମାଜସେବୀ କେ ଟୁନା ଦୋରା, ଗୋଲକ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ରାଜାଙ୍କର ସ୍ମୃତିଚାରଣ କରିଥିଲେ। ଗୌର ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଶୋକ କୁମାର ଗୌଡ଼ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଲୋକନାଥ ଦାସଙ୍କ ସ୍ୱର ସଂଯୋଜନାରେ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ୫୦ରୁ ଅଧିକ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

## ଭଞ୍ଜନଗରରେ ଓଷ୍ଟାର ମେଧାବୃତ୍ତି ପରୀକ୍ଷା

**ଭଞ୍ଜନଗର,୧।୧୨(ସମିସ):** ସ୍ଥାନୀୟ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସନ୍ତୋଷ ଜେନା, ପର୍ଯ୍ୟବେକ୍ଷକ ଗଣେଶ୍ୱର ଦଳାଇ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଶୋଭାରାଣୀ ମହାପାତ୍ର, ବାସନ୍ତୀ ପାଣିଗ୍ରାହୀ, ସସ୍ମିତା ମିଶ୍ର, ରାଜଲକ୍ଷ୍ମୀ ସାହୁ, ସୁଜାତା ଦାସ ଓ ତ୍ରିଲୋଚନ ମଲ୍ଲିକଙ୍କ ଉପସ୍ଥିତିରେ ପ୍ରଶ୍ନ ପତ୍ର ଉନ୍ମୋଚନ କରାଯାଇଥିଲା। ଏଥିରେ ବାହାଡାପଦର ନୋଡାଲ ହାଇସ୍କୁଲ, କଳିଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁଜାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶ୍ରୀବତ୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ନିରୀକ୍ଷକ ଭାବେ ବାସନ୍ତୀ ପାଣିଗ୍ରାହୀ, ସସ୍ମିତା ମିଶ୍ର, ରାଜଲକ୍ଷ୍ମୀ ସାହୁ ଓ ସୁଜାତା ଦାସ ରହି ଓଷ୍ଟାର ନିୟମାନୁଯାୟୀ ପରୀକ୍ଷା ପରିଚାଳନା କରିଥିଲେ। ଓଷ୍ଟାର ଏଭଳି କାର୍ଯ୍ୟକ୍ରମକୁ ବହୁ ବୁଦ୍ଧିଜୀବୀ, ଅଭିଭାବକ ପ୍ରଶଂସା କରିଛନ୍ତି। ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ସାବିତ୍ରୀ ମହିଳା କଲେଜର ବାର୍ଷିକ କ୍ରୀଡ଼ା




**ଭଞ୍ଜନଗର,୧।୧୨(ସମିସ):**

ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ଯୁକ୍ତ ଦୁଇ ସ୍ତରରେ ମାଳା ମଲ୍ଲିକ ଓ +୩ ବର୍ଗରେ ପ୍ରଦୀପିକା କର ଓ ସସ୍ମିତା ପ୍ରଧାନ ଯୁଗ୍ମ ଚାମ୍ପିଅନ ହୋଇଛନ୍ତି। ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଏଥିରେ ଭାଗ ନେଇଥିବା ବେଳେ ଦୁଇ ଶହରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର ସମିତା ରାଣୀ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର ଯୋଗ ଦେଇ ଛାତ୍ରୀମାନେ ଏବେ ସାରା ବିଶ୍ୱରେ କ୍ରୀଡା କ୍ଷେତ୍ରରେ ବେଶ ପାରଦର୍ଶିତା ଲାଭ କରୁଥିବା ଉଲ୍ଲେଖ କରିଥିଲେ। ଅଧ୍ୟାପକ ପ୍ରେମଚାନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁରଜ ସାସମଲ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପ୍ରଭାତି ମିଶ୍ର, ସସ୍ମିତା ମିଶ୍ର, ଡକ୍ଟର ସଂଯୁକ୍ତା ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

**ଦିଗପହଣ୍ଡି,୧।୧୨(ସମିସ):** ଦିଗପହଣ୍ଡି ସ୍ଥିତ ଦିବ୍ୟ ପବ୍ଲିକ ସ୍କୁଲ ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିଶ୍ୱନାଥ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀଶିକ୍ଷାଧିକାରୀ ଡ. ଶଙ୍କର ନାରାୟଣ ବେଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଡ଼. ଅସିତ କୁମାର ଷଡଙ୍ଗୀ ଏବଂ ସିଆରସିସି ଅନୀଲ କୁମାର ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ମେଳାରେ ନର୍ସରୀ ଶ୍ରେଣୀ ଠାରୁ ୯ ଶ୍ରେଣୀରେ ଅଧ୍ୟୟନରତ ୨୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପ୍ରାଣୀ ସଗଦ ପାଳନ ଓ ସୁରକ୍ଷା , ସୋଲାର ସିଷ୍ଟମ , ଜଳଚକ୍ର, ପାଣିପାଗ ଓ ଜଳବାୟୁ, ପୁଷ୍ଟିକର ଖାଦ୍ୟ ଓ ସ୍ମାର୍ଟ ଡଷ୍ଟବିନ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଭୀଷ୍ମଗିରି କଲେଜ ଅଧ୍ୟାପକ ନାରାୟଣ ବିଶ୍ୱାସରାୟ, ଖେମୁଣ୍ଡି କଲେଜ ଅଧ୍ୟାପକ ଅବିନାଶ ଚନ୍ଦ୍ର ପାଢୀ, ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଉମାଶଙ୍କର ସାହୁ, ପଦ୍ମନାଭପୁର ସରସ୍ୱତୀ ଶିଶୁ ମନ୍ଦିର ଆଚାର୍ଯ୍ୟ ଅବିନାଶ ବିଷୋୟୀ, ବିଭିନ୍ନ ସ୍କୁଲରୁ ଆସିଥିବା କମଲେଶ ରାଉତ, ଅମିତ କୁମାର ସିଂ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଏନ୍ . ରାଜକିଶୋର ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ଉପାଧ୍ୟକ୍ଷା ସୁଷମା ଗୌଡ଼ ମେଳା ପରିଚାଳନା କରିଥିଲେ। ଶିକ୍ଷକ ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟନ୍ତୀପୁର ପଞ୍ଚାୟତରେ ଜନ ଶୁଣାଣି

**ପାତ୍ରପୁର,୧।୧୨(ସମିସ):** ପାତ୍ରପୁର ବ୍ଲକ ସୀମାନ୍ତ ଜୟନ୍ତୀପୁର ପଞ୍ଚାୟତରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ବ୍ୟକ୍ତିଗତ ୨୬ ଓ ୧୦ ସାମୂହିକ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୭ ତ୍ୱରିତ ସମାଧାନ ହୋଇଥିଲା। ଗ୍ରାମର ଦୁଇ ବିଦ୍ୟାଳୟର ଶିକ୍ଷକ ପଦବୀ ପୂରଣ ପାଇଁ ଗ୍ରାମବାସି ଅଭିଯୋଗ ଦେଇଥିଲେ। ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ ପଟ୍ଟନାୟକ, ବିଏସଏସଓ ସ୍ନେହାସିଷ ପଟ୍ଟନାୟକ, ଏପିଓ ପ୍ରଣତି ପୁରୋହିତ, ଯୋଗାଣ ଅଧିକାରୀ ଉମାକାନ୍ତ ସେଠୀ, ସରପଞ୍ଚ ଆଇ. ସୁଶୀଳା ରେଡ୍ଡୀ, ସମିତି ସଭ୍ୟ ବାଳାଜୀ ପାଢ଼ୀ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଇଲାଣି ବିଏଲ୍ଓଙ୍କ ମୃତ୍ୟୁ

## ଆତ୍ମହତ୍ୟା କଲେଣି ୨୯, ହୃଦ୍‌ଘାତ ନେଲାଣି ୪୧ ଜଣଙ୍କ ଜୀବନ

ମୁରାଦାବାଦ, ୧।୧୨ (ଏଜେନ୍ସି): ମୁଁ ବଞ୍ଚିବାକୁ ଚାହୁଁଛି। ମାତ୍ର କାମର ଚାପ ବଞ୍ଚିବାକୁ ଦେବ ନାହିଁ। ଏଭଳି କହି ଏସ୍ଆଇଆର ପ୍ରକ୍ରିୟାରେ ସାମିଲ ଜଣେ ବୁଥ୍ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ସେ କରିଥିବା ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା ଏସ୍ଆଇଆରକୁ ନେଇ ବିଏଲଓଙ୍କ ଉପରେ କିଭଳି ଭାବେ ଚାପ ରହିଛି ତାହା ଦର୍ଶାଉଛି। ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ମୁରାଦାବାଦର ସର୍ବେଶ ସିଂହ। ସେ ସରକାରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ଅକ୍ଟୋବର ୭ରେ ସେ ବିଏଲଓ ଭାବେ ନିଯୁକ୍ତ ହୋଇଥିଲେ। ଏସ୍ଆଇଆର ପାଇଁ ତାଙ୍କୁ ଘର ଘର ବୁଲି ଭୋଟରଙ୍କ ସୂଚନା ଓ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଥିଲା। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ପ୍ରଥମେ ସ୍ତ୍ରୀ ବବ୍‌ଲି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ ଜବତ କରାଯାଇଛି। ଏଥିରେ କାର୍ଯ୍ୟଚାପ ସହ୍ୟ କରିପାରୁ ନ ଥିବା ସେ ଲେଖିଥିଲେ।

ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓ ଏବଂ ଲେଖିଥିବା ଚିଠିରେ ସର୍ବେଶ କହୁଛନ୍ତି ଯେ 'ଦିଦି, ମୋତେ କ୍ଷମା କରିଦେବ। ମାଆ ଦୟାକରି ମୋ ପିଲାଙ୍କ ଯତ୍ନ ନେବ। ଏହି କାର୍ଯ୍ୟ କରିବାରେ ମୁଁ ବିଫଳ ହୋଇଛି। ତେଣୁ ଏପରି ପଦକ୍ଷେପ ନେଉଛି, ଯେଉଁଥି ପାଇଁ କେବଳ ମୁଁ ଦାୟୀ ରହିବି। ଆଉ କାହାର କୌଣସି ଦୋଷ ନାହିଁ। ମୁଁ ଅତ୍ୟନ୍ତ ଦୁଃଖିତ। ୨୦ ଦିନ ହେଲାଣି ଭଲ ସେ ଶୋଇ ପାରିନି। ଯଦି ପାଖରେ ସମୟ ଥାଆନ୍ତା ତେବେ ଏହି କାମ ସାରିଦେଇଥାନ୍ତି। ମୋର ୪ଟି ଛୋଟ ଝିଅ ଅଛନ୍ତି। ଦୟାକରି ମୋତେ କ୍ଷମା କରିଦେବ। ମୁଁ ତୁମମାନଙ୍କ ଠାରୁ ବହୁତ ଦୂରକୁ



ବିଏଲଓଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ

ଚାଲିଯାଉଛି। ବଞ୍ଚିବାକୁ ଚାହୁଁଥିଲେ ବି କିଛି କରିପାରୁନି। ବହୁତ ଦୁଃଖ କଷ୍ଟରେ ଫସି ଥିବା ମୁଁ ଅନୁଭବ କରୁଛି। ଦୁଃଖଦ ସ୍ଥିତି ମୋତେ ଘେରି ରହିଛି ଏବଂ ଗଭୀର ଯନ୍ତ୍ରଣା ଭୋଗୁଛି' ବୋଲି ସର୍ବେଶ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ ସାରିବା ପାଇଁ ବିଏଲଓଙ୍କ ଉପରେ ଚାପ ରହିଛି। ଏହା ସହିତ କ୍ଷମତାସୀନ ଦଳର ନେତା ଏବଂ କର୍ମୀ ମଧ୍ୟ ଧମକାଉଛନ୍ତି। ଏହି କାରଣ ଏ ପର୍ଯ୍ୟନ୍ତ ୨୯ ବିଏଲଓ ଆତ୍ମହତ୍ୟା କଲେଣି। ଆଉ କିଛି ରିପୋର୍ଟରେ ଏସଆଇଆର ଭୟରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଭୟ, ଚିନ୍ତା, ଚାପ ଏବଂ ଅବସାଦ ଯୋଗୁଁ ବିଏଲଓଙ୍କ ମୃତ୍ୟୁ ହେଉଛି। ତେବେ ଏଭଳି ମୃତ୍ୟୁକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଖାରଜ କରାଯାଇଛି। କାର୍ଯ୍ୟ ଚାପ ଯୋଗୁଁ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ଇସି ୧୨ ରାଜ୍ୟରେ ଏସଆଇଆର ଅବଧିକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।


### ପଶ୍ଚିମବଙ୍ଗରେ ଏସଆଇଆର ବିରୋଧରେ ବିଏଲଓଙ୍କ ବିକ୍ଷୋଭ

ଅକ୍ଟୋବର ୨୮ ତାରିଖରୁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କୁ ନିଯୁକ୍ତ କରାଯାଇଛି। ଏହା ସତ୍ତ୍ୱେ ଅନେକ ରାଜ୍ୟରୁ ବିଏଲଓଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଆଜି ଉତ୍ତର ପ୍ରଦେଶର ସମ୍ଭଲରେ ଜଣେ ସହାୟକ ବିଏଲଓ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ରାଜ୍ୟରେ ଏପର୍ଯ୍ୟନ୍ତ ଆଠ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଆତ୍ମହତ୍ୟା କରିଥିବାବେଳେ ତିନି ଜଣ ହୃଦ୍‌ଘାତରେ ଏବଂ ଜଣେ ବ୍ରେନ ହ୍ୟାମରେଜରେ ପ୍ରାଣ ହରାଇ ଥିଲେ। ଏ ପର୍ଯ୍ୟନ୍ତ ୭ ରାଜ୍ୟରେ ୨୯ ବିଏଲଓଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶ ସର୍ବାଧିକ ନଅ ଜଣ ସାମିଲ ଅଛନ୍ତି। ଏପରି ସମୟରେ ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଙ୍କ କାର୍ଯ୍ୟାଳୟ ବାହାରେ ବିଏଲଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନେକ ଦଳୀୟ ବିଧାୟକ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ ପାଇଁ ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ଏଠାରେ ଉପସ୍ଥିତ ବିଜେପି କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ସିଇଓଙ୍କ ସହ ବିଜେପିର ବୈଠକକୁ ସେମାନେ ବିରୋଧ କରିଥିଲେ। ବିଏଲଓମାନେ କାମ କରିବା ସ୍ଥିତିରେ ସୁଧାର ଦାବି କରି କିଛି ଦିନ ହେଲା ବିକ୍ଷୋଭ କରି ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନ ଜୋରଦାର ହୋଇଥିଲା। ମୃତ ବିଏଲଓଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ଏ ନେଇ ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ତେବେ ଟିଏମସି ପ୍ରରୋଚନାରେ ଏହି ଆନ୍ଦୋଳନ ଚାଲିଛି ବୋଲି ଇସିଙ୍କୁ ପକ୍ଷରୁ କୁହାଯାଇଛି।

## ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ, ୧।୧୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ପୁଣି ଆତ୍ମଘାତୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ (ଏଫସି) ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଆତ୍ମଘାତୀ ବିସ୍ଫୋରଣ ଘଟି ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲଫ) ର ସାଦଓ ଅପରେସନାଲ୍ ବାଟାଲିଅନ୍ (ଏସଓବି) ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିପୁଳ କ୍ଷୟକ୍ଷତି ହୋଇଛି। ପାକିସ୍ତାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ଏଠାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକୁ ଦେଖି ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନ୍ୟପଟେ ସୁରକ୍ଷାବାହିନୀକୁ ସହାୟତା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଛି। ଏହା ପୂର୍ବରୁ ଗତ ୨୪ ଘଣ୍ଟା ତଳେ ପାକିସ୍ତାନର ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା।

## ଦ୍ୱିତୀୟ ବିବାହ କଲେ ସାମନ୍ଥା



କୋଏମ୍ବାଟୁର, ୧।୧୨ (ଏଜେନ୍ସି): ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ସୋମବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି। କୋଏମ୍ବାଟୁରର ଈଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ପ୍ରାଚୀନ ଯୋଗିନୀ ପରମ୍ପରାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହର ଫଟୋ ପୋଷ୍ଟ କରି ସାମନ୍ଥା ଏହି ସୂଚନା ଦେଇଛନ୍ତି। ଏହି ବିବାହରେ କେବଳ ପରିବାର ଲୋକେ ଏବଂ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ। ଓସୋଙ୍କ ଈଶା ଫାଉଣ୍ଡେସନର ଲିଙ୍ଗ ଭୈରବୀ ମନ୍ଦିରରେ ଯୋଗିନୀ ପରମ୍ପରରା ଭୂତ ସୁଦ୍ଧି ବିବାହ କରିଛନ୍ତି। ଏହା ଏଭଳି ଏକ ବିବାହ ଯେଉଁଥିରେ ଦମ୍ପତିଙ୍କ ମଧ୍ୟରେ ଗଭୀର ସମ୍ପର୍କ ସୃଷ୍ଟି ହୋଇଥାଏ। ଏହା କେବଳ ଚିନ୍ତାଧାରା କିମ୍ବା ଶରୀର ମଧ୍ୟରେ ସୀମିତ ନ ହୋଇ ଶରୀରର ପଞ୍ଚ ଭୂତ ସହ ଯୋଡ଼ି ଥାଏ। ଏହି ବିବାହ ପଞ୍ଚ ଭୂତକୁ ଶୁଦ୍ଧି କରିଥାଏ। ସମ୍ପର୍କରେ ଶାନ୍ତି, ସମୃଦ୍ଧି ଏବଂ ଆଧ୍ୟାତ୍ମିକ ସନ୍ତୁଳନ ସୃଷ୍ଟି କରିଥାଏ। ଏହି ବିବାହକୁ ନେଇ ରାଜ୍‌ଙ୍କ ପୂର୍ବତନ ପତ୍ନୀ ଶ୍ୟାମଲୀ ଡେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଧୈର୍ଯ୍ୟ ନ ଥିବା ଲୋକେ ଅଧୈର୍ଯ୍ୟପୂର୍ଣ୍ଣ କାମ କରନ୍ତି ବୋଲି ସେ ଲେଖିଛନ୍ତି।

## କଂଗ୍ରେସର ରଣନୀତି ବୈଠକରେ ସାମିଲ ହେଲେନି ଥରୁର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସାଂସଦ ଶଶୀ ଥରୁର ପୁଣି ଥରେ ଦଳର ରଣନୀତି ଗ୍ରୁପର ଜରୁରୀ ବୈଠକରେ ସାମିଲ ହୋଇ ନାହାନ୍ତି। ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏହି ବୈଠକ ବସିଥିଲା। ତେବେ କେରଳରେ ନିଜ ୯୦ ବର୍ଷୀୟ ମାଆଙ୍କ ପାଖରେ ଥିବାରୁ ଏଥିରେ ଅନୁପସ୍ଥିତ ଥିଲେ ବୋଲି ଶଶୀ ଥରୁରଙ୍କ ଅଫିସ ପକ୍ଷରୁ କୁହାଯାଇଛି। ଥରୁର ଦ୍ୱିତୀୟ ଥର ପାଇଁ ଦଳୀୟ ବୈଠକରେ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବା ଦର୍ଶାଇ ଏସଆଇଆର ପ୍ରସଙ୍ଗରେ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ସେ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଥରୁର ଯୋଗ ଦେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

## ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା

ନାଗପୁର, ୧।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପୁଣି ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜନୀତିରେ ପରିବାରବାଦକୁ ସେ ସମାଲୋଚନା କରିଛନ୍ତି। ନିଷ୍ଠାପର କର୍ମୀଙ୍କ ଅଣଦେଖା କଲେ ବିରକ୍ତି ଲାଗେ ବୋଲି ସେ କହିଛନ୍ତି। ରାଜନେତାଙ୍କ ପାରିବାରିକ



ଉତ୍ତରାଧିକାରୀଙ୍କୁ ନିର୍ବାଚନରେ ହରାଇବା ପାଇଁ ସେ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ନାଗପୁରର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ। ସଙ୍କେତରେ ନିଜ ଦଳର କିଛି ନୀତି ଏବଂ ନେତାଙ୍କୁ ମଧ୍ୟ ସେ ସମାଲୋଚନା କରିଥିବା କୁହାଯାଉଛି।

ଗଡ଼କରୀ କହିଥିଲେ ଯେ ରାଜନୀତିରେ ବଡ଼ ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା କରାଯାଇଥାଏ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ନେତାମାନେ ବଂଶବାଦକୁ ସମାଲୋଚନା କରୁଥିଲେ, ସେମାନେ ପରେ ନିଜ ସମ୍ପର୍କୀୟଙ୍କୁ ଟିକଟ ଦେବା ପାଇଁ ଦାବି କରିଥାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଆଭିମୁଖ୍ୟ ଦ୍ୱାରା ଦଳର ପୁରୁଖା କର୍ମୀଙ୍କ ସହ ଅନ୍ୟାୟ ହେଉଛି। ୨୦-୩୦ ବର୍ଷ ହେଲା ଦଳ ପାଇଁ କାମ କରୁଥିବା ବ୍ୟକ୍ତି ଟିକଟ

### ଯିଏ ବଂଶବାଦକୁ ସମାଲୋଚନା କରୁଛି ସେ ସମ୍ପର୍କୀୟଙ୍କ ପାଇଁ ଟିକଟ ମାଗୁଛି: ଗଡ଼କରୀ

ମାଗିବାକୁ ଆସିଲେ ତାଙ୍କୁ ନ ଦେଇ ନେତା ନିଜ ପତ୍ନୀ, ପୁଅ କିମ୍ବା ଅନ୍ୟ ସମ୍ପର୍କୀୟଙ୍କୁ ଦେଉଛନ୍ତି। ଏହା ଗଭୀର ଭାବେ ବ୍ୟଥିତ କରୁଛି। ବଂଶବାଦ ଅପେକ୍ଷା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏବେ ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ। ବଂଶବାଦର ରାଜନୀତି ଦ୍ୱାରା ଦଳ ଏବଂ ଜନସାଧାରଣ ଉଭୟଙ୍କ କ୍ଷତି ହେଉଛି। ଏହାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରତି କଟାକ୍ଷ ଭାବରେ ଦେଖାଯାଉଛି। କାରଣ ଏହି ଦଳ ଯାହା କହୁଛି ତାର ଓଲଟା କରୁଛି। ବଂଶବାଦକୁ ବିରୋଧ କରୁଥିଲେ ବି ନେତାଙ୍କ ପତ୍ନୀ, ପୁତ୍ର ଏବଂ ସମ୍ପର୍କୀୟଙ୍କୁ ଟିକଟ ଦେଉଥିବା ଦେଖାଯାଉଛି। କଂଗ୍ରେସ, ଠାକରେ ପରିବାର ଏବଂ ମୁଲାୟମ ସିଂହ ଯାଦବ ତଥା ଲାଲୁ ଯାଦବଙ୍କ ଭଳି ରାଜନୈତିକ ପରିବାର ଉପରେ ବଂଶବାଦକୁ ନେଇ ବିଜେପି ଅଭିଯୋଗ ଲଗାଇ ଥିଲା। ମାତ୍ର ମହାରାଷ୍ଟ୍ରରେ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ଅନେକ ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଯଥା ମା, ସ୍ତ୍ରୀ, ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ଦ୍ୱାରା ବିଜେପିର ବିଶ୍ୱସ୍ତ କର୍ମୀ ନିରାଶ ହୋଇଛନ୍ତି। ସେମାନେ ଏହାକୁ ଦଳର ନୀତି ବିରୋଧୀ ବୋଲି କହୁଛନ୍ତି। ମନ୍ତ୍ରୀ ଗିରୀଶ ମହାଜନଙ୍କ ପତ୍ନୀ ସାଧନା ମହାଜନ ବିନା ନିର୍ବାଚନରେ ନଗର ପରିଷଦର ଅଧ୍ୟକ୍ଷ ପଦ ଜିତିବାରୁ ବିଜେପିରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରୁ କଂଗ୍ରେସ, ଏନ୍‌ସିପି (ଏସପି) ଏବଂ ଅଜିତ ପାୱାର ଗୋଷ୍ଠୀ ଓହରିଯିବାରୁ ସାଧନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ମନ୍ତ୍ରୀ ଜୟକୁମାର ରାୱଲଙ୍କ ମା ନୟନ କୁଅଁର ଡୋଣ୍ଡିୟାଚା-ବରବାଡେ ନଗର ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କାରଣ ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇ ଯାଇଥିଲା।

## ବିମାନ ଉପରେ ହୋଇଥିଲା ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଶେଷରେ କେନ୍ଦ୍ର ସରକାର ସତ ସ୍ୱୀକାର କରିଛନ୍ତି। ଗତ ୭ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ର ଅଟୋମେଟିକ ମେସେଜ ସ୍ୱିଚିଂ ସିଷ୍ଟମ (ଏଏମଏସଏସ) ରେ ସାଇବର ଆକ୍ରମଣ ହୋଇଥିଲା ବୋଲି ମାନିଛନ୍ତି। ରାଜ୍ୟସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଏହା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଆଇଜିଆଇର ରନୱେ ୧୦ରେ ବିମାନ ଜିପିଏସ ଆଧାରିତ ଅବତରଣ ପ୍ରକ୍ରିୟା ଆପଣାଉ ଥିବାବେଳେ ଜିପିଏସ ସ୍ପୁଫିଂ ହୋଇଥିଲା। ସାଇବର ଆକ୍ରମଣ ଯୋଗୁଁ ଭୁଲ୍ ସିଗ୍‌ନାଲ ମିଳିଥିଲା। ଏହା ପରେ ପାଇଲଟ ତୁରନ୍ତ ବ୍ୟାକ୍‌ଅପ ବ୍ୟବହାର କରିଥିଲେ। ତେବେ ଅନ୍ୟ ରନୱେ ଉପରେ ଏହି ସ୍ପୁଫିଂର କୌଣସି ପ୍ରଭାବ ପଡ଼ି ନ ଥିଲା। କାରଣ ସେଗୁଡ଼ିକରେ 'ଟ୍ରାଡିସନାଲ ଗ୍ରାଉଣ୍ଡ ବେସ୍‌ଡ ନେଭିଗେସନ ସିଷ୍ଟମ' ବ୍ୟବହାର କରାଯାଉଥିଲା'। ଏହି ଘଟଣା ଯୋଗୁଁ ଗତ ୭ ତାରିଖରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ପରିଚାଳନା ୧୨ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ୮୦୦ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ୨୦ଟି ଉଡ଼ାଣକୁ ବାତିଲ କରିବାକୁ ପଡ଼ିଥିଲା। ସେହିପରି ସାରା ବିଶ୍ୱରେ ର୍‍ୟାନସମୱେୟର-ମାଲୱେୟର ଆକ୍ରମଣର ବିପଦ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

**ବିଳମ୍ବିତ ହୋଇଥିଲା ୮୦୦ ବିମାନ**

## ବନ୍ୟା ବିପ୍ରାତ: ହଜାରେ ମୃତ; ଶତାଧିକ ନିଖୋଜ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଏସିଆରେ ବନ୍ୟା ବିପ୍ରାତ ସୃଷ୍ଟି କରିଛି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଏବଂ ଥାଇଲାଣ୍ଡରେ ଆସିଥିବା ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଶତାଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ଅନେକ ଦେଶରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଇଣ୍ଡୋନେସିଆରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୦୨ରେ ପହଞ୍ଚି ଯାଇଛି। ଏବେ ବି ୫୦୮ ଜଣ ନିଖୋଜ ଅଛନ୍ତି। ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରୀଲଙ୍କାରେ ୩୪୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ କଲମ୍ବୋରେ ରବିବାର ରାତିସାରା ଜଳସ୍ତର ବଢ଼ି ଚାଲିଥିଲା। ସକାଳେ ବର୍ଷା ଥମିଯିବାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ଦ୍ୱାରା ପାଣି ଛାଡ଼ିଯିବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଉଦ୍ଧାରକାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଛି। ଅନ୍ୟପଟେ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଆସିଥିବା ବନ୍ୟା ୧୭୬ ଜଣଙ୍କ ଜୀବନ ନେଇଛି। ଏହାକୁ ଗତ ଦଶ ବର୍ଷ ମଧ୍ୟରେ ଆସିଥିବା ସବୁଠାରୁ ଭୟଙ୍କର ବନ୍ୟା ଧରାଯାଉଛି। ସେହିପରି ମାଲେସିଆର ପେରଲିସ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦକ୍ଷିଣ ଏସିଆରେ ଆସିଥିବା ଏହି ବନ୍ୟା ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନେକ କୋଠାବଡ଼ି ଭୁଶୁଡ଼ି ପଡ଼ିଥିବାବେଳେ ପୋଲ ଭାଙ୍ଗି ଯାଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶ୍ରୀଲଙ୍କାରେ ବାତ୍ୟା ଦାତୱା ପ୍ରଭାବରେ ହେଉଥିବା ବର୍ଷା ଥମିବାରେ ଲାଗିଛି। ଏହା ତାମିଲନାଡୁକୁ ମଧ୍ୟ ପ୍ରଭାବିତ କରିଥିଲା। ବର୍ଷା ଜନିତ ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଯାଇଥିଲା।



## କୁକୁର ଧରି ସଂସଦରେ ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କୁ ନେଇ ବିବାଦ ହୋଇଛି। ସେ କୁକୁରକୁ ସାଙ୍ଗରେ ଧରି ସଂସଦ ପରିସରରେ ପହଞ୍ଚିଛନ୍ତି। ଏ ବିଷୟରେ ପଚାରିବାରୁ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ହଙ୍ଗାମା ହୋଇଛି। ସେ କହିଛନ୍ତି ଯେ 'ସରକାରଙ୍କୁ ପଶୁ ପସନ୍ଦ ନୁହେଁ। ଏହା ଅତ୍ୟନ୍ତ ଛୋଟ ଏବଂ କାହାର କ୍ଷତି କରୁ ନ ଥିବା ପଶୁ। କାମୁଡୁ ଥିବା ଏବଂ ଦଂଶନ କରୁଥିବା ବ୍ୟକ୍ତି ସଂସଦ ଭିତରେ ଅଛନ୍ତି। କୁକୁର ଏଭଳି କରେ ନାହିଁ' ଏହି ଘଟଣାକୁ ବିଜେପି ତୀବ୍ର ବିରୋଧୀ କରିଛି। ଏହା ଦ୍ୱାରା ସଂସଦ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କୁହାଯାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।



**'କୁକୁର କାମୁଡୁନି; କାମୁଡ଼ିବା ଲୋକ ସଂସଦରେ ଅଛନ୍ତି'**

ବିବାଦ ହେବାପରେ ରେଣୁକା ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି କୁକୁର ଗୃହ ଭିତରକୁ ପଶିଆସିଲା ତେବେ ସମସ୍ୟା କ'ଣ? ଏହି କୁକୁର କାହାକୁ କାମୁଡ଼ିବ ନାହିଁ ବୋଲି ବିଶ୍ୱାସ ମୋର ଅଛି। କୁକୁରକୁ ଗୃହ ଭିତରକୁ ନ ନେବାର କୌଣସି ପ୍ରୋଟୋକଲ ଅଛି କି? ରାସ୍ତାରେ ଆସିବା ବେଳେ କାର୍ ଏବଂ ସ୍କୁଟର ଧକ୍କା ହେବାରୁ କୁକୁର ଛୁଆଟି ପଳେଇ ଆସିଥିଲା। ରାସ୍ତାରେ ସେ ବୁଲୁଥିବାବେଳେ ଗାଡ଼ି ତଳେ ଚାପି ହୋଇଯିବ ଭାବି ତାକୁ ଆଣି ଆସିଥିଲି। ପହଞ୍ଚିବା ପରେ ତାକୁ ପଠାଇ ଦେଲି। ଗାଡ଼ି ଏବଂ କୁକୁର ଉଭୟ ପଳେଇ ଗଲେଣି। ଏବେ କାହାକୁ ନେଇ ଚର୍ଚ୍ଚା ହେଉଛି। ଯେଉଁମାନେ ବାସ୍ତବରେ କାମୁଡୁଛନ୍ତି ସେମାନେ ସଂସଦରେ ବସିଛନ୍ତି। ସେ ସରକାର ଚଳାଉଛନ୍ତି। ଏଥିରେ ତ କାହାର ସମସ୍ୟା ନାହିଁ। କୁକୁର ନେଇ ଆସିଗଲେ ତାହା ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଉଛି। ଲାଗୁଛି ସରକାରଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଯଦି ସରକାର ସଂସଦ ଅଧିବେଶନକୁ ନେଇ ଚିନ୍ତିତ ତେବେ ଅବଧି କାହିଁକି ହ୍ରାସ କଲେ। ମାସକର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ତାହାକୁ ନେଇ ଆପଣମାନେ ଚିନ୍ତିତ କାହିଁକି? ସୂଚନାଯୋଗ୍ୟ ଯେ ସଂସଦକୁ ପୋଶା ପଶୁପକ୍ଷୀ ନେଇଯିବାକୁ ନିୟମର ଉଲ୍ଲଙ୍ଘନ ଧରାଯାଏ। ସଂସଦ ଭବନ ପରିସରର ଆଚର ନିୟମ ଏବଂ 'ଲୋକସଭା ହ୍ୟାଣ୍ଡବୁକ ଫର ମେମ୍ବର୍ସ' ଅଧୀନରେ ଏହା ଭୁଲ୍।

## ବିହାର: ଶପଥପତ୍ର ପଢ଼ିପାରିଲେନି ବାହୁବଳୀଙ୍କ ପତ୍ନୀ ବିଭା ଦେବୀ



ପାଟନା, ୧।୧୨ (ଏଜେନ୍ସି): ଅନେକ ସମୟରେ ନେତା, ମନ୍ତ୍ରୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବାକୁ ଦାବି ହେଉଛି। କିନ୍ତୁ ପ୍ରାୟ ସବୁ ଦଳ ଏହି ଦାବିକୁ ଏଡ଼ାଇ ଚାଲିଛନ୍ତି। ତଳସ୍ତରର ସରକାରୀ କର୍ମଚାରୀ ହେବାକୁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଏବଂ ଅପରାଧିକ ପୃଷ୍ଠଭୂମିରୁ ନ ଆସୁଥିବାର ନିୟମ ଥିବାବେଳେ ନେତାଙ୍କ ପାଇଁ ଏଭଳି କୌଣସି ନିୟମ ନାହିଁ କହିଲେ ଚଳେ। ଏବେ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ତଥା ପଢ଼ି ନ ପାରିବାରୁ ଜଣେ ନବ ନିର୍ବାଚିତ ବିଧାୟିକା କିଭଳି ହଟହଟା ହୋଇଛନ୍ତି ତାହାର ଭିଡିଓ ସାରା ଦେଶରେ ଭାଇରାଲ ହେବାରେ ଲାଗିଛି। ବିହାର ବିଧାନସଭାରେ ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ୧୮ତମ ବିଧାନସଭାର ପ୍ରଥମ ଅଧିବେଶନରେ ନବ ନିର୍ବାଚିତ ସଦସ୍ୟ ଶପଥ ନେଉଛନ୍ତି। କିନ୍ତୁ ବାହୁବଳୀ ରାଜବଲ୍ଲଭଙ୍କ ପତ୍ନୀ ତଥା ନୱାଦାର ଜେଡିୟୁ ବିଧାୟିକା ବିଭା ଦେବୀ ଶପଥ ପତ୍ର ପଢ଼ି ନ ପାରି ସର୍ବସମ୍ମୁଖରେ ହଟହଟା ହୋଇଛନ୍ତି।

ବିଭା ଦେବୀ ଶପଥ ନେବାକୁ ଛିଡ଼ା ହୋଇଥିଲେ। ସେ ଭୁଲ୍ ଶବ୍ଦ ଉଚ୍ଚାରଣ କରି ଶପଥ ପାଠ ଆରମ୍ଭ କରିଥିଲେ। ଶପଥ ନେଉଛି ବଦଳରେ ସତତ ନେଉଛୁ ବୋଲି କହିଥିଲେ। ରହି ରହି ସେ ଶପଥ ପତ୍ର ପଢ଼ି ଚାଲିଥିଲେ। କ୍ରମାଗତ ଭାବେ ସଠିକ ଶବ୍ଦ ଉଚ୍ଚାରଣ କରିପାରୁ ନ ଥିଲେ। ମଝିରେ ମଝିରେ ଅଟକି ଯାଉଥିଲେ। ତାଙ୍କର ସ୍ଥିତି ସଦନରେ ଉପସ୍ଥିତ ଥିବା ସବୁ ଲୋକଙ୍କ ପାଇଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଥିଲା। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭା ଦେବୀ କଷ୍ଟେ ମଷ୍ଟେ ଶପଥ ନେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କ ନିକଟରେ ଜେଡିୟୁ ବିଧାୟିକା ମନୋରମା ଦେବୀ ବସିଥିଲେ। ଶପଥ ପତ୍ର ପଢ଼ି ଦେବାକୁ ପ୍ରଭା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ଛୁଟକୀ ପଢ଼ି ଦେ, କହି ଦେ ବୋଲି କହିଥିଲେ। ମନୋରମା ଦେବୀ କହିବା ସତ୍ତ୍ୱେ ବି ବିଭା ଠିକ୍‌ରେ ପଢ଼ି ପାରି ନ ଥିଲେ। ଜେନତେନ ପ୍ରକାରରେ ଖଣ୍ଡି ଅକ୍ଷରରେ ସେ ଶପଥ ନେଇଥିଲେ। ଏହି ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ମେମେର ବନ୍ୟା ଆସିଛି। ଶପଥ ପତ୍ର ପଢ଼ି ପାରୁ ନ ଥିବା ମହିଳା ବିହାରର କେମିତି ବିକାଶ କରିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱାମୀଙ୍କ ରାଜନୈତିକ ପ୍ରଭାବକୁ ଆଗକୁ ବଢ଼ାଇ ବିଭା ଦେବୀ ନୱାଦା ସିଟ୍‌ରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଅନ୍ୟ ପଟେ ଆଜି ଆରଜେଡି ନେତା ତେଜସ୍ୱୀ ଯାଦବ, ବିଜେପି ବିଧାୟିକା ମୈଥିଳୀ ଠାକୁର, ବାହୁବଳୀ ଅଶୋକ ମାହୋତଙ୍କ ପତ୍ନୀ ଅନିତା ଦେବୀ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି।

## ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପାଇଁ ଖାଲି ଚାଷୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀଙ୍କୁ ଦାୟୀ କରିବାରୁ କୋର୍ଟ ଆପତ୍ତି ଉଠାଇଛନ୍ତି। ଏମସି ମେହତାଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜାଳିବା ଘଟଣା ନୂଆ ନୁହେଁ। ୪-୫ ବର୍ଷ ତଳେ କୋଭିଡ୍ ଏବଂ ଲକଡାଉନ୍ ସମୟରେ ମଧ୍ୟ ନଡ଼ା ପୋଡ଼ା ଯାଉଥିଲା। ଏହା ସତ୍ତ୍ୱେ ଆକାଶ ସ୍ୱଚ୍ଛ ଏବଂ ନୀଳ ଦେଖାଯାଉଥିଲା। ଏବେ କାହିଁକି ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି? ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାଳ ପୋଡ଼ିବା ଉପରେ ବିତର୍କ ରାଜନୈତିକ କିମ୍ବା ଅହଂକାରର ପ୍ରସଙ୍ଗ ହେବା ଉଚିତ୍ ନୁହେଁ। ଦିଲ୍ଲୀର ବିଷାକ୍ତ ବାୟୁର ଅନେକ କାରଣ ଅଛି। ପାଳ ପୋଡ଼ିବା ବ୍ୟତୀତ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର କାରଣଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ଅନୁଷ୍ଠିତ ହେବ।

# ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଆରମ୍ଭ






ଭୁବନେଶ୍ୱର,୧।୧୨(ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଆଜିଠାରୁ ଆରମ୍ଭ ହୋଇଛି ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଡିସେମ୍ବର ୬ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବୟସ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ଓ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ୩୦୦ରୁ ଊର୍ଦ୍ଧ୍ୱ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ଏବଂ ୧୫ ବର୍ଷରୁ କମ୍ ରନର୍ସଅପ୍ ଓଡ଼ିଶାର ତନ୍‌ଭି ପତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ବାଳିକା ବିଭାଗର ଉଭୟ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

# 'କୋହଲିଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ'

ନୂଆଦିଲ୍ଲୀ,୧।୧୨(ଏଜେନ୍ସି):

ଫର୍ମ ହେଉ ଅବା ଫିଟ୍‌ନେସ, ୩୭ ବର୍ଷରେ ବିରାଟ କୋହଲି ଯେପରି ଖେଳୁଛନ୍ତି ତାଙ୍କର ଭବିଷ୍ୟତ ନେଇ ଆଲୋଚନା କରିବା କିମ୍ବା ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବୋଲି କହିଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ। ରାଞ୍ଚିରେ ଗତକାଲି ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଯେପରି ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ, ସେଥିରୁ ସେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଟେଷ୍ଟ ଓ ଟି-୨୦ର ଅନ୍ତର୍ଜାତୀୟ ଫର୍ମାଟରୁ ସେ ଅବସର ନେଇସାରିଛନ୍ତି। ଭାରତୀୟ ଦଳର ନିରାଶାଜନକ ପ୍ରଦର୍ଶନ ପରେ କୋହଲି ଟେଷ୍ଟ ଫର୍ମାଟକୁ ଫେରିବେ ବୋଲି ଜୋର କଳ୍ପନା ଜଳ୍ପନା ଚାଲିଛି। ସେ ନିଜେ ଏହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତକାଲି ସେ କହିଥିଲେ, ଭାରତ ଲାଗି ଖେଳିବାକୁ ଗଲାବେଳେ ସେ ସର୍ବଦା ୧୨୦ ଭାଗ ଚେଷ୍ଟା କରିଥାନ୍ତି। ଏବେ ମୁଁ କେବଳ ଦିନିକିଆ ଫର୍ମାଟରେ ଖେଳ ଜାରି ରଖିବି ବୋଲି କହିବା ପରେ ଟେଷ୍ଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଉ ସମ୍ଭବ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।



୨୦୨୭ରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ବିଶ୍ୱକପ୍ ଖେଳି ଅବସର ନେବାକୁ ଆଗ୍ରହୀ ବୋଲି ଆଲୋଚନା ହେଉଛି। ଉଭୟ ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରୁ ଅବସର ନେଇ ସାରିଥିବାରୁ ଏବେ କେବଳ ଦିନିକିଆ ଖେଳୁଛନ୍ତି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଯେତିକି ପରିମାଣରେ କ୍ରିକେଟ ଖେଳୁଛନ୍ତି, ସେଥିରୁ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କ ଫିଟ୍‌ନେସ ସ୍ତରରେ କିଛି ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଏଣୁ ତାଙ୍କ ଭବିଷ୍ୟତ ସମ୍ପର୍କରେ କଳ୍ପନା ଜଳ୍ପନା, ଆଲୋଚନା କିମ୍ବା ପର୍ଯ୍ୟାଲୋଚନା କରିବା ଅନୁଚିତ ହେବ ବୋଲି କୋଟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିମ୍ ମ୍ୟାନେଜ୍‌ମେଣ୍ଟ ଏ ସମ୍ପର୍କରେ କଥାବାର୍ତ୍ତା ହେବା ତ ଦୂରର କଥା, ଭାବିବାକୁ ମଧ୍ୟ ଉଚିତ ମନେକରିନାହିଁ।

ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ତାଙ୍କ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଜୀବନର ୫୨ତମ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଏହା ସର୍ବାଧିକ ଶତକ। ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକର ୫୧ଟି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୧୦୨ଟି ବଲ୍‌ରୁ ଶତକ ହାସଲ କରିଥିଲେ। ସେ ମୋଟ ୧୨୦ଟି ବଲ୍ ଖେଳି ୧୩୫ ରନ୍ କରିଥିଲେ। ଏହା ମଧ୍ୟରେ ୧୦ଟି ସୁଦୃଶ୍ୟ ଚୌକା ଓ ୭ଟି ବିରାଟ ଛକା ରହିଥିଲା। ଏଥିରୁ ତାଙ୍କ ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ମିଳିଥାଏ। ତାଙ୍କ ଶତକ ଓ ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ସହ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୧୩୬ ରନ୍ ସଂଗୃହୀତ ହୋଇଥିଲା। ଏହି ରନ୍ ବଳରେ ଭାରତ ଏକ ବିଶାଳ ସ୍କୋର (୮ୱିକେଟରେ ୩୪୯ ରନ୍) କରିଥିଲା। କୁଲଦୀପ ଯାଦବ ୪ଟି ଓ ହର୍ଷିତ ରାଣା ୩ଟି ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନ୍‌ରେ ଜିତିନେଇଥିଲା।

### ସେହ୍ୱାଗଙ୍କ ପ୍ରଶଂସା

ବିରାଟ କୋହଲି ପୁଣିଥରେ ପ୍ରମାଣିତ କରିଛନ୍ତି ଯେ, ଟା' ତିଆରି କରିବା ଆମ ଲାଗି ଯେତିକି ସହଜ, ବିରାଟଙ୍କ ଲାଗି ରନ୍ ସଂଗ୍ରହ କରିବା ସେତିକି ସହଜ। ସେ ଆହୁରି କହନ୍ତି, ରେକର୍ଡ ପଛରେ କୋହଲି ଦୌଡୁନାହାନ୍ତି, ବରଂ ରେକର୍ଡ ତାଙ୍କ ପଛରେ ଦୌଡୁଛି। ଆଜ୍ ଭି ଭୁକ୍ ୱହି, ଜୁନୁନ ୱହି ବୋଲି ସେ କହିଛନ୍ତି। କିଙ୍ଗ୍ ଷ୍ଟେଜ୍ କିଙ୍ଗ୍ ବା ରାଜା ସର୍ବଦା ରାଜା ଭଳି ରହିବ ବୋଲି ସେହ୍ୱାଗ ତାଙ୍କ ପ୍ରଶଂସାରେ କୋହଲିଙ୍କୁ ପୋତିଦେଇଛନ୍ତି।

# ମହିଳା ହକି ଦଳର କୋଚ୍ ପଦ ଛାଡ଼ିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଭାରତୀୟ ସିନିଅର ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ସୋମବାର ନିଜ ପଦରୁ ଇସ୍ତଫା



ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ହରେନ୍ଦ୍ର ନିଜର ନିଷ୍ପତ୍ତି ମେଲ୍ ଯୋଗେ ହକି ଇଣ୍ଡିଆକୁ ଜଣାଇ ଦେଇଛନ୍ତି। ୫୬ ବର୍ଷୀୟ ହରେନ୍ଦ୍ର ଗତବର୍ଷ ଏପ୍ରିଲରେ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ୨୦୨୮ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଟିମ୍ ସହ ଜଡ଼ିତ ରହିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଚାନକ ପଦ ଛାଡ଼ିବା ନେଇ ନାନା ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର କୋଚ୍ ରହିଥିବା ନେଦରଲାଣ୍ଡସର ଶୋଡ୍ ମାରିନ ପୁଣିଥରେ ଏହି ସମ୍ମାନଜନକ ପଦ ସମ୍ଭାଳିବେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିଥିଲା। ତେବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ସ୍ମରଣଯୋଗ୍ୟ, ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ୨୦୧୬ରେ ଭାରତୀୟ ଦଳ ଜୁନିଅର ପୁରୁଷ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ଆମେରିକା ପୁରୁଷ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ।

### ଜୁନିଅର ମହିଳା ହକି ବିଶ୍ୱକପ୍ ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ

ସାଣ୍ଟିଆଗୋ, ୧।୧୨ (ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାରଠାରୁ ଚିଲିରେ ଆରମ୍ଭ ହୋଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ପ୍ରଥମ ମ୍ୟାଚରେ ନାମିବ୍ୟାକୁ ୧୩-୦ ଗୋଲ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଜର୍ମାନୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥର ବିଶ୍ୱକପ୍‌ରେ ୫ଟି ମହାଦେଶର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୮୯ରୁ ଏହି ମେଗା ଇଭେଣ୍ଟ ଖେଳାଯାଇ ଆସୁଥିଲେ ମଧ୍ୟ ଭାରତ ଥରେ ହେଲେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇନାହିଁ।

### ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିଅର ବିଶ୍ୱକପ୍

# କ୍ୱାର୍ଟରରେ ଜର୍ମାନୀ

ମଦୁରାଇ,୧।୧୨(ଏଜେନ୍ସି): ବିଶ୍ୱର ନଂ-୧ ଟିମ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ଜୁନିଅର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ଜର୍ମାନୀ ୫-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଜର୍ମାନୀ ଏବେ ଚେନ୍ନାଇରେ କ୍ୱାର୍ଟର ଫାଇନାଲ ଖେଳିବ। ସେହିପରି ଏହି ଗ୍ରୁପ୍‌ରେ କାନାଡାକୁ ୯-୧ ଗୋଲରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍-ବି'ରେ ଆସନ୍ତାକାଲି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

# ଦୃଷ୍ଟିହୀନ ମହିଳା ବିଶ୍ୱଚାମ୍ପିଅନ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା

ଭୁବନେଶ୍ୱର,୧।୧୨(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ଭାରତ ଚାମ୍ପିଅନ ହୋଇଛି। ଏହି ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାଲେଶ୍ୱରର ଫୁଲ ସୋରେନ୍। ଏମାନଙ୍କ ବ୍ୟତୀତ ଆଉ ୩ଜଣ ଖେଳାଳି ମୟୁରଭଞ୍ଜ ଜିଲ୍ଲାର। ସେମିଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାସନ୍ତୀ ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଏ ସମସ୍ତ ଖେଳାଳି ଓଡ଼ିଶାରେ ପହଞ୍ଚିବା ପରେ ବିମାନବନ୍ଦରରେ ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୧ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଖେଳାଳିଙ୍କ ସହ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡଃ. ୟେଦୁଲା ବିଜୟ, ଦଳର କୋଚ୍ ଦେବାଶିଷ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଅନ୍ୟ ଖେଳାଳିମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତୁଳନାରେ ଏହା ବହୁତ କମ୍ ବୋଲି ଆଲୋଚନା ହେଉଛି।



### ■ ୨୩ ବର୍ଷରୁ କମ୍ ମହିଳା ଟି-୨୦

# ମୁମ୍ବଇଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧।୧୨(ସମିସ): କେରଳର ତିରୁଅନନ୍ତପୁରମଠାରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଏଲିଟ୍ ବିଭାଗ ମୁକାବିଲାରେ ଓଡ଼ିଶା ୧୮ ରନ୍‌ରେ ମୁମ୍ବଇଠାରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ୩ ବ୍ୟାଟର ୦, ୪, ୬ରେ ଆଉଟ ହେବା ପରେ ଦଳ ୧୫ ରନ୍‌ରେ ୩ ୱିକେଟ ହରାଇଥିଲା। ଏହା ପରେ ନଂ-୮ ବ୍ୟାଟର ହର୍ଲି ଗାଲା ଅପରାଜିତ ୩୦, ନଂ-୪ ଓ ୫, ତୁଶି ଶାହ ଓ ସାଧବୀ ସଞ୍ଜୟ ୨୪ ରନ୍ ଲେଖାଏଁ, ନଂ-୮ ଶ୍ରଦ୍ଧା ୨୩ ରନ୍ କରିଥିଲେ। ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ୨ଟି, ଅନନ୍ୟା ମିଶ୍ର, ଶୁଭ୍ରନିର୍ଝରିଣୀ ସ୍ୱାଇଁ ଓ ଏସ୍‌ବି ଲରେନ୍ସ







ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

ଜବାବରେ ଓପନର ତନ୍ମୟୀ ବେହେରାଙ୍କ ୩୯ ବଲ୍‌ରେ ୪୪ ଓ ନଂ-୩ ବ୍ୟାଟର ତଥା ଅଧିନାୟିକା ଅଲିପ୍ସା ବିଶ୍ୱାଳଙ୍କ ୩୯ ବଲ୍‌ରେ ୩୮ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୨୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସିନିୟର ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳର ବ୍ୟାଟିଂ ଏଠାରେ କାମ ଦେଇ ନ ଥିଲା। ମୁମ୍ବଇର ଜିଲ ଡିମେଲୋ ଓ କାଶିଶ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

# ଦୃଢ଼ସ୍ଥିତିରେ ଉତ୍ତରାଖଣ୍ଡ

ଭୁବନେଶ୍ୱର, ୧।୧୨(ସମିସ): ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ୩ ଦିନିଆ କୁଚ୍‌ବିହାର ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର କାଶିପୁରଠାରେ ପ୍ରଥମ ଦିନ ଖେଳରେ ଓଡ଼ିଶା ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୨ ୱିକେଟରେ ୧୪୯ ରନ୍ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଅଧିନାୟକ ରକ୍ଷିତ ଡାଲାକୋଟି ସର୍ବାଧିକ ୬୪ ଓ ଆଦିତ୍ୟ ନାଇଥାନି ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରିୟାଂଶୁ ମହାନ୍ତି ଓ ସମ୍ବିତ ବେଜା ୱିକେଟ ଦୁଇଟି ସମାନ ଭାବେ ବାଣ୍ଟି ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରିୟାଂଶୁ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରିୟାଂଶୁ ୧୫.୧ ଓଭରରେ ୩୩ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଓଡ଼ିଶା ଇନିଂସରେ ଦଳର ପ୍ରଥମ ୪ଜଣ ଓ ନଂ-୬ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ପୀୟୁଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୬୧ ରନ୍ କରିଥିଲେ।

### କୁଚ୍‌ବିହାର ଟ୍ରଫି

### ଇଣ୍ଟରନ୍ୟାସନାଲ ଓପନ୍ ଗେଟବଲ୍ ଉଦ୍‌ଯାପିତ

# ଡବଲ୍ସରେ ଓଡ଼ିଶା-ଏ ଚାମ୍ପିଅନ

ଭୁବନେଶ୍ୱର, ୧।୧୨ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡବଲ୍ସ ବର୍ଗରେ ଓଡ଼ିଶା-ଏ ଦଳ ଚାମ୍ପିଅନ ଓ ତାଇୱାନ-ସି ରନର୍ସଅପ୍ ହୋଇଥିଲା। ସେହିଭଳି କ୍ଲାସିକ ବର୍ଗରେ ତାଇୱାନ-ବି ଟାଇଟଲ୍ ହାସଲ କରିଛି। ଫାଇନାଲରେ ତାଇୱାନ ବିହାରକୁ ପରାସ୍ତ କରିଥିଲା। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିଭଳି ଇଣ୍ଡୋନେସିଆ ଓ ତାଇୱାନରୁ ମଧ୍ୟ ଖେଳାଳି ଏଥିରେ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ




ରୋଟାରିଆନ ମନୋଜ ତ୍ରିପାଠୀ, ଡ. ପ୍ରବୋଧ ମହାନ୍ତି, ଯଜ୍ଞଶିଷ ମହାପାତ୍ର, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ତାରିଣୀ ପ୍ରସାଦ ମହାନ୍ତି, ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାରବାଟୀରେ ଖେଳିବେ ଗିଲ୍, ପାଣ୍ଡ୍ୟା!

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତର ଦୁଇ ପ୍ରମୁଖ ଖେଳାଳି ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଧିରେ ଧିରେ ସୁସ୍ଥ ହୋଇଛନ୍ତି। ପାଣ୍ଡ୍ୟାଙ୍କୁ ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବରୋଦା ପକ୍ଷରୁ ଖେଳିବାକୁ ବିସିସିଆଇ ସୋମବାର ସବୁଜ ସଙ୍କେତ ପ୍ରଦାନ କରିଛି। ଫଳରେ ସେ ମଙ୍ଗଳବାର ବରୋଦା-ପଞ୍ଜାବ ମୁକାବିଲାରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଗିଲ୍ ସୋମବାର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିୟମିତ ଫିଟନେସ ଯାଞ୍ଚ ପାଇଁ ରିପୋର୍ଟ କରିଛନ୍ତି। ଏହାପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବେ କି ନାହିଁ ସ୍ପଷ୍ଟ ହେବ। ତେବେ ରିପୋର୍ଟ ଅନୁଯାୟୀ ଟି-୨୦ ସିରିଜ ଲାଗି ଦଳ ଘୋଷଣା ବେଳକୁ ଉଭୟ ପାଣ୍ଡ୍ୟା ଓ ଗିଲ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବେ ବୋଲି କୁହାଯାଉଛି। ଏଭଳି ହେଲେ କଟକର ବାରବାଟୀରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚରେ ଉଭୟ ତାରକା ଖେଳାଳିଙ୍କୁ କ୍ରିକେଟ୍‌ପ୍ରେମୀ ଦେଖିବାକୁ ପାଇବେ।

### ଲିସବନ୍ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍ ଜିମ୍ନାଷ୍ଟିକ୍

# ଏଏମ୍/ଏନ୍‌ଏସ୍ ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଭୁବନେଶ୍ୱର, ୧।୧୨ (ସମିସ): ପର୍ତ୍ତୁଗାଲର ଲିସବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ଆଥ୍‌ଲେଟ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୨୦ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ବିଶ୍ୱର ୧୮ଟି ଇଲାଇଟ୍ ଜିମ୍ନାଷ୍ଟିକ କ୍ଲବ ବିପକ୍ଷରେ ଖେଳି ଜିଏଚପିସି ଆଥ୍‌ଲେଟ୍‌ମାନେ ଏହି ପଦକ ସଫଳତା ପାଇଛନ୍ତି।

ଜୁନିଅର ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ବର୍ଗରେ ଅଂଶୁମାନ ସୁନ୍ଦରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ରେଡ୍ଡୀ ଓ ବିରୁଙ୍କୁ ନେଇ ଗଠିତ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ତୃତୀୟ ସ୍ୱର୍ଣ୍ଣପଦକ ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦଳଗତ ଇଭେଣ୍ଟରୁ ଆସିଥିଲା। ସୁମିତ ଧଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଜଗଦୀଶ ବାରିକ ସଦସ୍ୟ ରହିଥିଲେ।

### ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା

# ଫାଇନାଲରେ କିଟ୍ ମହିଳା ହକି ଦଳ




ଭୁବନେଶ୍ୱର, ୧।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲ୍‌ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ମହିଳା ହକି ଫାଇନାଲ ଖେଳାଯିବ। ଏଥିରେ ଆଇଟିଏମ୍ ଗ୍ୱାଲିଅର ଓ କିଟ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ସେହିଭଳି ଦେବାଶିଷ ସାହୁ ଓ କବୀର ହଂସଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ କିଟ୍ ମହିଳା ଭଲିବଲ୍ ଦଳ ମଧ୍ୟ ପ୍ରଥମ ମ୍ୟାଚରେ ୩-୧ ସେଟରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS